
# ସୃଜନ
# SRUJAN
## The Creativity Journal

2023, Volume 3, Issue 2



SRUJAN
The Creativity Journal
2023, Volume 3, Issue 2

***Editor-in-Chief***
Prof Nilamadhab Kar

***Editorial board***
Prof Sarat Chandra Rath
Prof Nandini Sahu
Dr Suresh Rath
Prof Tanmay Panda
Mr Pravat Ranjan Beura
Mrs Nirupama Kar
Mona Dash
Mr Bijay Biswaal
Dr Chinmayi Nath
Dr Suryasnata Tripathy
Mona Lisa Jena
Dr Dinabandhu Sahoo
Shri Harish Chandra Kar
Shri Satya Pattanaik
Dr Aloke Patnaik

**Regional Representatives**
Tapan Panda – America
Satyadeep Acharya – Australia
Pritisikta Panda – Europe
Antaryami Upadhyaya – UK

**Creative Support**
Shreyan Kar
GenX studios

**Distinguished reviewers**
Padarabinda Rath
Naresh Chandra Sahoo

**Administrative support**
Gaye Johnson

**Publisher**
The Institute of Insight, UK
**Sponsor**
Quality of Life Research and Development Foundation (QoLReF)
**Contact and submit articles at**
srujan.journal@gmail.com OR srujan@instituteofinsight.org

**Editorial office: Srujan, 60 Highfield Drive, Epsom, KT19 0AP, London, UK.**

Copyright of all published material in this journal is held by the authors. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

2023, Volume 3, Issue 2

# Contents


| | | |
|---|---|---|
| ଅଜ୍ଞାତ | କଥାଟିଏ କହୁଁ | 1 |
| **Sarat Chandra Rath** | **Known unknown** | **2** |
| *(Translated by Nilamadhab Kar)* | **Longed moment** | **3** |
| | **Essence** | **4** |
| ମାନସ ରଞ୍ଜନ ମହାପାତ୍ର | ପରାସ୍ତ | 5 |
| ନିରୁପମା କର | ସନେଟ୍ | 6 |
| | ପିଆସୀ ଏ ମନେ | 7 |
| | ଏ ଶ୍ରାବଣ ଆଜି | 8 |
| କୃଷ୍ଣ କୁମାର ମହାନ୍ତି | ନଦୀ ଓ ନାରୀ | 9 |
| | ସ୍ତ୍ରୀ–୧ | 10 |
| | ସ୍ତ୍ରୀ–୨ | 11 |
| | ଅସତୀ | 13 |
| ଅନୀଲ କୁମାର ପାଢ଼ୀ | ଗଣତନ୍ତ୍ର | 15 |
| **Bijay Biswaal** | **Being with nature** | **21** |
| **Subas Pradhan** | **An orphan song** | **24** |
| | **An eulogy for our fallen friends..** | **25** |
| | **Keep Walking** | **26** |
| ଅରୁଣ କୁମାର ପାତ୍ର | ତୁମେ କି ପହିଲି ଆଷାଢ଼ ବରଷା | 27 |
| | ହଜିବାକୁ ଭଲ ଲାଗେ | 28 |
| | ସମାଜର ଗୀତିକାର | 29 |
| ତୁଷାର କାନ୍ତି ଦାସ | ଆବାହନୀ | 30 |
| ଅଜୟ କୁମାର ମିଶ୍ର | କାନଫୁଙ୍କା ଚୌପଦୀ ... | 32 |
| | କଟସର୍ଟ ବବକେଶା | 33 |
| | ଏକଜାମ୍ ପଞ୍ଚପଦୀ | 34 |
| | ବେଟି ବୁଝାଣ ଚଉପଦୀ | 35 |
| ବୀଣାପାଣି ଦେବତା | ନିଆଁ | 36 |
| | ନିଆଁର ଜନ୍ମ | 37 |
| | ଶବ୍ଦ ଉଠାଅ ଶବ୍ଦ ଉଠାଅ | 38 |

| | | |
|---|---|---|
| **Pipasha Nandi** | **Colours of the sky** | **40** |
| ହରିଶ୍ ଚନ୍ଦ୍ର କର | କଲୁରୀବେଣ୍ଟ ଓ କୁଆ ଛୁଆ - ଲୋକକଥା | **44** |
| **Chinmayi Nath** | **Mahaprasad** | **49** |
| ପ୍ରଶାନ୍ତ କୁମାର ଦାଶ | ରାତି ସରିଯାଏ ଜହ୍ନ ଫେରିଯାଏ | **51** |
| | ଆମରି ହାତେ ଗଢ଼ା ତ ସବୁ | **52** |
| | ଆକାଶ ଡାକୁଛି ହାତଠାରି | **53** |
| | ଅବୁଝା ପକ୍ଷୀର ଗୀତ | **54** |
| ହରିଶ୍ଚନ୍ଦ୍ର ବେହେରା | ବୋଉ: ବାଉଁଶ ପେଟରା | **56** |
| | ସଞ୍ଜବତୀଟିଏ ଜାଳି ଦେଇଥିଲ | **57** |
| | ମାଗୁନାହିଁ ମୁଁ ତ ଧୂପଛାଇ ସଞ୍ଜ | **58** |
| ବିଶ୍ୱନାଥ କର | ହିସାବ ଖାତା | **60** |
| | ପ୍ରେମର ଆରମ୍ଭ | **61** |
| | ଫୁଲ ଫୁଟୁନଥିବା ଗୋଟେ ଗଛ ପାଇଁ କବିତା | **62** |
| ଶମ୍ଭୁନାଥ ରାଉଳ | ଅବକ୍ଷୟ | **64** |
| | କଳଙ୍କ | **66** |
| | ନିଃସଙ୍ଗ ମଣିଷ | **68** |
| **Aarav Avneesh** | **Acropolis** | **71** |
| କଳ୍ପନା ମିଶ୍ର | କବିତା | **72** |
| | ତୁମେ ଆଉ ମୁଁ | **73** |
| | ନାରୀ | **74** |
| ମିନାକ୍ଷୀ ଦ୍ୱିବେଦୀ | ଆତ୍ମତୃପ୍ତିର ଅନ୍ତଃସ୍ୱର | **75** |
| | ଆଃ....କବିଟିଏ ହୋଇଥାନ୍ତି କି..!! | **76** |
| ସୌଭାଗ୍ୟ ସାମଲ | ଦରଦୀ ମଣିଷ !! | **78** |
| | ସ୍ତ୍ରୀ ଆଉ ପ୍ରେମିକା ! | **79** |
| | ସାମୟିକ କୋଳାହଳ !! | **80** |
| **Ranjit Kumar Sahu** | **Birds** | **82** |
| ଚିନ୍ମୟୀ ପଣ୍ଡା | ରଜ ପିଠା | **86** |
| **Nilamadhab Kar** | **Players** | **89** |
| **Book Reviews** | | |
| କୃଷ୍ଣ କୁମାର ମହାନ୍ତି | ରୁବି ରାଏ | **93** |
| **Rajat Kumar Satapathy** | **An experiment with my thoughts** | **94** |
| **Information about Srujan** | | **95** |
| **Bijay Biswaal** | **Coverpage** | |

ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ
**Srujan: The Creativity Journal**

## Articles for Srujan

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for *an international readership*; with an aim of propagating, promoting Odia literature and creativity worldwide.

Articles (‘poem, short story, art, and other creative forms’) are invited for the **Srujan: The Creativity Journal**. Please send your selected articles only. Submit one article at a time; for poems you can send up to 3 small poems. Do not send essays and critiques.

This is **a multi-lingual** journal accepting creative articles of translations from and to Odia from different languages; along with article from Odia people writing in other languages.

The journal considers pre-published articles if you have the copyright or the written permission from the original publishers.

Selection of all the submitted articles is done by a peer group,

## ସୃଜନ ପାଇଁ ଲେଖା

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା', ‘କ୍ଷୁଦ୍ରଗଳ୍ପ’, ‘ଚିତ୍ରକଳା’, ‘ଆଲୋକଚିତ୍ର’ ଓ ଅନ୍ୟ ସୃଜନଶୀଳ ଲେଖା ପଠାଇ ପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ପର୍ଯ୍ୟନ୍ତ ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ-ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ପୂର୍ବ ପ୍ରକାଶିତ ଲେଖା ବି ପଠାଇ ପାରିବେ, ଯଦି ସେସବୁର ପୁନଃ ପ୍ରକାଶନ ପାଇଁ ଆପଣଙ୍କ ପାଖରେ କପିରାଇଟ ବା ପୂର୍ବ ପ୍ରକାଶକଙ୍କ ଠାରୁ ଲିଖିତ ଅନୁମତି ଥାଏ ।

ଆମନ୍ତ୍ରିତ ଲେଖାକୁ ଛାଡ଼ିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ । ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ'

***except the invited ones***.
Please refer to the 'Instruction to authors' for more information about submission. All the articles should be submitted in Word file, (Unicode font, preferably Kalinga), author's name, address (place and state/country), bio in 100 words, email are essential. Submit to the email below.

The article should be the authors' own creation. Authors will remain responsible for any conflicts about their submission. Editorial board or the publishers will not have any liability.

Looking forward to your submissions.

Editorial Team,
Srujan: the creativity Journal
srujan.journal@gmail.com
srujan@instituteofinsight.org

ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡ଼ିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ୍, ୟୁନିକୋଡ୍ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ୍‌ରେ, ପଠାଇବା ନିହାତି ଦରକାର । ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲ ଠିକଣାରେ ପଠାନ୍ତୁ ।

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ । ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲ୍ଲଙ୍ଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ ।

ଆପଣଙ୍କୁ ଲେଖା ପଠାଇବା ପାଇଁ ଅଶେଷ ଧନ୍ୟବାଦ ।

**ସମ୍ପାଦନା ମଣ୍ଡଳୀ**
**ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ**
srujan.journal@gmail.com
srujan@instituteofinsight.org

**Information about the journal is given at the end of this issue.**
***For further information please contact***
Srujan Editorial Board: srujan.journal@gmail.com
The Institute of Insight, UK: theinstituteofinsight@gmail.com
Quality of Life Research and Development Foundation (QoLReF), qolref@gmail.com

# କଥାଟିଏ କହୁଁ

ଅଜ୍ଞାତ

କଥାଟିଏ କହୁଁ
କିଇସି କଥା
ବେଙ୍ଗୁଲୀ କଥା
କି ବେଙ୍ଗୁଲୀ
କାଠ ବେଙ୍ଗୁଲୀ
କି କାଠ
ତେଲି ମାଠ
କି ତେଲୀ
ଘଣା ତେଲୀ
କି ଘଣା
ଆଖୁ ଘଣା
କି ଆଖୁ
କେନ୍ତାରୀ ଆଖୁ
କି କେନ୍ତାରୀ
ବୁଢ଼ୀ ମେନ୍ତାରୀ
କି ବୁଢ଼ୀ
ଠୁକୁରୁ ବୁଢ଼ୀ
କି ଠୁକୁରୁ
ବାଲ ମୁକୁରୁ
କି ବାଲ
ଲତା ବାଲ
କି ଲତା
ହାତୀ ମଥା
କି ହାତୀ
ରଜାଙ୍କ ହାତୀ
କି ରଜା
ଖଣ୍ଡ ଖଜା
କି ଖଣ୍ଡ
ମିରିଗ ଲଣ୍ଡ
କି ମିରିଗ
ଝାଡ଼ ମିରିଗ
କି  ଝାଡ଼
କଣ୍ଟା ବାଡ଼
କି କଣ୍ଟା
କାନକୁଲୀ କଣ୍ଟା
ଯହିଁ ଲାଗିଥାଏ
ଝଟା ପଟା

ꝏꝏ

**[Pearls from the Stars – ଓଡ଼ିଆ ଲୋକଗୀତ - ଓଡ଼ିଶା ମାଟିର, ଭାଷାର ଉଜ୍ଜ୍ୱଳ କୃତିର ପୁନଃ ଉପସ୍ଥାପନା ।]** ସଂଗ୍ରାହକ: ହରିଶ ଚନ୍ଦ୍ର କର

ꝏꝏ

# Known unknown


## Sarat Chandra Rath

*Translated by Nilamadhab Kar*


I remember the courtyard
Green gardens on both sides
Glittering in jewels
Flowering pond not so far
Soothing breeze

Soft sun of the afternoon
Not the sound,
The echo creates in the ears
A naughty absentmindedness
That fills in the corners and crevices of the heart

And at that time
Heaps of joys and miseries are seen
Sighs are heard filled with hopelessness
Paths and lanes, near and dear ones
Appear somewhat different

All silent and lonesome, it feels
Like the grass of rain drenched night
Shivers under the feet the yearning earth

In the thick foliage of Deodar
Owls keep sitting
Blinking eyes
Waiting for someone
Trees doze off
To refuse, to say no
One does not get enough courage
A gush of wind
Comes from some far away country
It does not say anything
Just passes by touching the branches in silence
∞∞

*Deodar – an evergreen tree with thick foliage in tropics (Pollyalthea Longifolia)*
∞∞

# Longed moment

Sarat Chandra Rath

*Translated by Nilamadhab Kar*

You are the tunes of Gayatri, in the pages of the Vedas
Victorious in the belief of love, blessed Savitri
In the leaping flames of fire
Lighted you are, a line of inflamed happiness

You are the mega-conference of nothingness
Absolute surprise of completeness
In the horizons, senses and feelings
You are the sweet amiability transmitted

Nameless, desire-less, self-confidence you are
Humble silence of open horizons
You are the fragmented blueness in the undivided sky
Full of hope and reassurance of silent words

You are the soft silkiness, a night filled with flowers of stars
Many broken restlessness in the tides of the sea
In the pond of silts seven-palm-tree deep,
You are the petals of a water-lily about to bloom

Grand tree of belief, deep greenery
You are the feelings of a scented footpath,
Touch of sandal, while thunder-struck by time
In the gaps of waiting, you are the longed moment

∞∞

*Gayatri: A Rig Veda Hymn, composed in a metre of 24 syllables; and used as a prayer*
*Savitri: A Hindu mythological character*

∞∞

# Essence

## Sarat Chandra Rath

*Translated by Nilamadhab Kar*

Entangled in the shades, you keep smiling sweetly
Definitions want to bind you too
In thousands of garlands of light-rays
You are glowing like yourself only
No one else

Regarding inclination, you are the first delight
First flash, you are, of complete endeavour
First victory mark of self-confidence
Scent of a kind heart, a sandal layer

You are the clean affection that binds
Earth, water, wind
Trees and creepers feel closer
Love-laden, statue-like you are a guard awake
In nooks and corners of the whole world

You are the colour of the flower, scent of the earth
In the melody of the creek, the tune of raga *Ashabari*
In the tides of the sea, full of verve
Of the clean and dry sky
You are the bluish reassurance
In the wings of a butterfly
You are the restive memory painted

∞∞

*Ashabari – a music composition*

∞∞

**Dr. Sarat Chandra Rath,** PhD, is former Professor and Head, Department of Odia, Utkal University, Bhubaneswar. He is an unabridged writer, researcher and critic. He is well-known as a lyricist and column writer. Over thirty books are to his credit along with the '*Sarat Giti Samagra*' and '*Sarat Kata Samagr*a'. He is winner of several awards including the prestigious 'Bhaktakabi Memorial Gold Medal'. These poems are taken from his collection '*kali sakalara surya*'.

∞∞

# ପରାସ୍ତ

**ମାନସ ରଞ୍ଜନ ମହାପାତ୍ର**

ମୁଁ ପଛେ ଚାଲିଯିବି, ଫେରିଯିବି
ଫେରିବାକୁ ଦେଇପାରିବିନି ତତେ
ମୋ ଝିଅ
ମୁଁ ପଛେ ହଜିଯିବି
ଜନାରଣ୍ୟରେ
ହେଲେ, କେମିତି ହଜିବାକୁ ଦେଇପାରିବି ତତେ
କହ ?

ସପ୍ତାହ ସପ୍ତାହ ସରିଯାଏ
ବିତିଯାଏ ଜୀବନ
ମୋ ଆଖିରେ ନିଦ ନାହିଁ
ଆସେନି ବି ସପନ

ଆଖିରେ ଆସେନି ଲୁହ
ଏମିତି ଗୋଟେ ବାଟ
କେବେ ସରିବ କେଜାଣି
ପ୍ରଶ୍ନ ବିଚଳିତ କରୁଥାଏ ମତେ
ଅହରହ

ଅଭିନୟ ଜାଣେନି ମୁଁ
ନିରବରେ ଦୀର୍ଘଶ୍ୱାସ ତୋଳେ
ଅସହାୟ !

ଠଠ

**ମାନସ ରଞ୍ଜନ ମହାପାତ୍ର,** ପୂର୍ବତନ ବରିଷ୍ଠ ସମ୍ପାଦକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ; ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ରର ମୁଖ୍ୟ; ଉତ୍ତର ପୂର୍ବାଞ୍ଚଳର ସଂସ୍କୃତି ନିର୍ଦ୍ଦେଶକ । ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ସେ ଶତାଧିକ ଗଳ୍ପ, ପ୍ରବନ୍ଧ,ଏକାଙ୍କିକା, ଅନ୍ତରଙ୍ଗ ଆଳାପ, ବିଜ୍ଞାନ କଥା, ଫିଚର୍, ଶିଶୁ ସାହିତ୍ୟ ଓ ସହସ୍ରାଧିକ କବିତା ଲେଖିଛନ୍ତି । ତାଙ୍କର ଅଦ୍ୟାବଧି ଛ' ଟି କବିତା ସଙ୍କଳନ,ଗୋଟିଏ ଗଳ୍ପ ସଂକଳନ, ଇଂରାଜୀ ଓ ହିନ୍ଦୀ ଭାଷାରେ ଦୁଇଟି ପୁସ୍ତକ, ଦୁଇଟି ଶିଶୁ ସାହିତ୍ୟ ପୁସ୍ତକ ତଥା ଅର୍ଦ୍ଧ ଶତାଧିକ ଅନୁବାଦ ପ୍ରକାଶିତ।

ଠଠ

# ସନେଟ୍

## ନିରୁପମା କର

ଏକା ଏକା ଆଜି ଭଲଲାଗେ ଭାରି ଭାବିବାକୁ ତୁମ କଥା
ମନ ସିଲଟରେ ତୁମ ଛବି ଆଙ୍କି ଓଦା ହୁଏ ଆଖିପତା
ତୁମ ହାତଲେଖା ଚିଠି ପଢିବାକୁ ଇଚ୍ଛା ହୁଏ ଆଜି ଭାରି
ଚଞ୍ଚଳ ପଣେ ସମୟ ଯାହାକୁ ଲୁଚାଇ ଦେଇଛି ଚିରି ।

ମେଘ ଲୁଚିଗଲା ବଉଦ ଉହାଡ଼େ ବତାସ ନିରବିଗଲା
ଆସନ୍ତା କାଲିକୁ ଭେଟିବା ଆଗରୁ ପ୍ରୀତି ଆମ ଇତି ହେଲା
ବିରହ କୁଞ୍ଜେ ଝାଉଁଳି ପଡିଲା ରାଧା ତମାଳର ହସ
ବାଟ ଭାଙ୍ଗିଗଲା ଚଗଲା ଚଇତ ରଚିବା ଅଗରୁ ରାସ ।

ପାକଳ ନିଦରେ ସପନ ସିନ୍ଦୁକ ରାତି ତ ଦେଇଛି ଭେଟି
ସପନରେ ତୁମେ ଦେଖାଦିଅ ସିନା ଖୋଲ ନାହିଁ ଜମା ପାଟି
ବୁଝିବି କେମିତି ନୀଳ ନୟନା ଗୋ ତୁମରି ମନର ଭାଷା
ନିରବତା ତୁମ ବିନ୍ଧେ ମୋ ମରମ, ହୁଏ ମିଛେ ଲୋକହସା ।

ଆଖି ଅଗଣାରେ ଫୁଲଙ୍କ ହାଟରେ ମହମହ ମଲ୍ଲୀ ବାସ
ମନ ବନାନୀରେ ଝୁରୁଛି କପୋତି ଛାତିରେ ଛାଡିଏ ପ୍ରାସ ।

∞∞

# ପିଆସୀ ଏ ମନେ

ନିରୁପମା କର

ପିଆସୀ ଏଇ ମୋ ମନ ଅଗଣାରେ ଶ୍ରାବଣର ଧାରାପାତ
ବନ ବିଥିକାର ଶ୍ୟାମଳ ସମ୍ଭାରେ ପ୍ରାଣ ହୁଏ ପୁଲକିତ
ଭୁଲି ଯାଇଛି ମୁଁ ବଇଶାଖି ଝାଞ୍ଜି ଯାତନା ଦେଇଛି ଯେତେ
ଆସ ସାଥି ଆସ ଏ ମଧୁଲଗନେ ଝୁମିବା ବିଭୋର ଚିତ୍ତେ ।

ଦେଇଥିଲ କଣ୍ଠ ଫେରିବ ବୋଲି ତ ଆଷାଢର ଆଗମନେ
ଲେଉଟାଣି ବାଟେ ବସିଛି ଜଗି ମୁଁ ତୁମ ପ୍ରୀତି ପ୍ରତିଦାନେ
ଶିତଳାଇ ଦିଏ ମାଟି ବୁକୁଛୁଇଁ ଅସରା ଅସରା ମେଘ
ଖିଆଲି ମନେ ମୋ ଆଙ୍କି ଦେଇଯାଏ ତୁମ ପାଇଁ ଅନୁରାଗ ।

ମନ ତିଆରୁଛି କାଗଜ ନାଆଟେ ସପନ ସଉଦା ଭରି
ବରଷା ଧାରରେ ଭାସିଯିବ ସିଏ ତୁମରି ଠିକଣା ଧରି
ତୁମ ନୀଳକଇଁ ଆଖିର ଚାହାଣୀ ଉପରେ ଗଲେ ତା ପଡ଼ି
ନୂଆ କାହାଣୀଟେ ଲେଖି ହୋଇଯିବ ପଢ଼ିବେ ଉତ୍ତର ପିଢ଼ି ।

ଥମୁନାହିଁ ମେଘ ଏ ଶ୍ରାବଣ ଆଜି ଅଥୟ ହେଉଛି କିଆଁ
ଯେତେ ବରଷୁଛି ସେତେ ସେତେ ଜଳେ ଛାତିରେ ବିରହ ନିଆଁ ।

ଔଔ

# ଏ ଶ୍ରାବଣ ଆଜି

## ନିରୁପମା କର

ଏ ଶ୍ରାବଣ ଆଜି ମନକୁ ଭୁଲାଏ
ଦୁଃଖ କାହାଣୀ ତା କହି
ବ୍ୟଥାର ଅଶ୍ରୁରେ ବାଢେ ଆବେଦନ
ଅଭିମାନ ଯେତେ ଧୋଇ ।
ଉଛୁଳା ଲୁହ ତା ନଈ ଧାରେ ଧାରେ
ସାଗରରେ ଯାଏ ମିଶି
ବିରହ ବେଦନା ଧୋଇଯାଏ ସବୁ
ଗୋପନୀୟ ଯାହା ଅଛି
ପତର ଫାଙ୍କରୁ ସୁରୁଜ ଦେଖନ୍ତି
ବତୁରା ମାଟିର ଛଇ ।
ଏ ଶ୍ରାବଣ ଆଜି........
କୁଆଁରୀ ସପନ ଗୋପନରେ ଆସି
ଛୁଇଁ ଦିଏ ତରୁ ଶାଖା
ଅୟସୀ ମରମେ ବୟସୀ କୁସୁମ
ଝୁମି ଝୁମି ଦିଏ ଦେଖା
ମିଳନ ଆତୁର ବର୍ଷୁକୀ ସଞ୍ଜ
ହସେ କିରି କିରି ହୋଇ ।
ଏ ଶ୍ରାବଣ ଆଜି.........

ᴏᴏ

**ନିରୁପମା କର,** ଭୁବନେଶ୍ୱର । ସେ କବିତା, ଗଳ୍ପ, ଶିଶୁ ସାହିତ୍ୟ, ଉପନ୍ୟାସ, ପ୍ରବନ୍ଧ, ଆଦି ଲେଖନ୍ତି । ଓଡ଼ିଆ ସାହିତ୍ୟର ସମ୍ଭ୍ରାନ୍ତ ପତ୍ରପତ୍ରିକାରେ ତାଙ୍କର ଲେଖା ନିୟମିତ ପ୍ରକାଶିତ ହୋଇଥାଏ । ତାଙ୍କର ପ୍ରକାଶିତ କବିତା ପୁସ୍ତକ: କଦମ୍ବରୁ କଳ୍ପବଟ, ଚିହ୍ନା ମାଟିର ବାସ୍ନା, ମୋହମଗ୍ନା, ଓ ଅସ୍ରା ଅସ୍ରା ବର୍ଷା । ଗଳ୍ପପୁସ୍ତକ: ବରଗଛର ଛାଇ । ଶିଶୁ ଉପନ୍ୟାସ: ବଣରାଇଜର କଥା । ଶିଶୁ କବିତା: ଚୁନିଚୁନି ତାରାଫୁଲ ।

# ନଦୀ ଓ ନାରୀ

## କୃଷ୍ଣ କୁମାର ମହାନ୍ତି

ମାଟିଘରେ ମୁହଁ ମାଡ଼ି ଶୋଇଛି
ଗତକାଲିର ଭୋକ
ଭାତର ଭୂଗୋଳରେ ବାଷ୍ପାମୟ ହୋଇ ଉଠିନି
ମନର ମାନଚିତ୍ର ।

ଚୁଲୀରେ ଜାଳ ହୋଇ ଜଳୁଛି ମୋ
ଶେଷ ପହରର ଲୁହ
କାହାକୁ ଅଦେୟ ମୋର କିଛି ନାହିଁ
ଯିଏ ଯେତେ ନେଇ ପାରେ ନିଏ
ମୁଁ ଅସରା ଏକ ଜଳାଶୟ
ମୋ ଦେହସାରା ଖେଳେ ଜଳଚର
ଆଉ ତାର କ୍ରୀଡ଼ାସୁଖ ।

ଉତୁରି ପଡ଼େନି କେବେ ଭାତହାଣ୍ଡି
ଉତୁରି ପଡ଼େ କିନ୍ତୁ ଡହ ଡହ ତାତି
ମୁଁ କେବେ ଡାକିନି ପାଖକୁ
ମରି ସାରିଥିବା ଗୋଟେ ଜଙ୍ଗଲକୁ
ଜାଣିଛି ଅଂଧାର ଅଢ଼େଇ ନିଏ ରାତି
ମୁଁ ପାହି ଆସୁଥାଏ ସକାଳଟିଏ ପରି ।

ଯେବେ ଯେବେ ଫେରେଇ ଦେଇଛି ମୁଁ
ଭୋକ ଓ ଭାଗ୍ୟକୁ
ଉପବାସ ମୋର ଅଙ୍ଗବାସ ହୋଇ ଘୋଡ଼େଇ ନେଇଛି ମୋତେ
କାହାକୁ ଦେଇଛି କେତେ
କିଏ ବା ନେଇଛି କେତେ
ସେସବୁ ଏବେ କୁବ୍ଜ ପରି ଫୁଟିଛି ମୋ ସର୍ବାଙ୍ଗରେ ।
ମୁଁ କେବଳ ଦେବୀଟିଏ ପରି ନିର୍ବାକ୍
ମୋତେ ନଦୀଟିଏ କରି ଖଂଜିଦିଅ
ମୋ ଦେହରେ ପ୍ରଖର ସୁଅ ।
୦୦

# ସ୍ତ୍ରୀ–୧

କୃଷ୍ଣ କୁମାର ମହାନ୍ତି

ଅଇଁଠା ବାସନକୁ ମାଜିମୁଜି ସଫା କରୁଥାଏ
କେହି ଜଣେ ନିରବରେ ।

ଖୁବ୍ ପାଖରେ ଠିଆ ହୋଇଥାଏ
ପାହିନଥିବା ରାତିର ଏକ ଛାୟା ମୂର୍ତ୍ତି ।

ଟିକିଏ ଆଗରୁ ଯେଉଁ ଶିଖାସବୁ ଜଳୁଥିଲେ
ଦିକ୍ ଦିକ୍ ହେଇ
ଶୋଇ ପଡ଼ିଲେଣି କେବେଠୁଁ
ମୁହଁ ନଥିବା ଦେହକୁ ଧରି ।

ରୋଷେଇଘରର ଚିକିଟା କାନ୍ଥରୁ
ବାହାରି ଆସେ ଗୋଟେ ଲାଲ୍ ବିନ୍ଦି
ଧୂଆଁମାଡ଼ରେ ମଇଳା ତା' ଦେହରୁ
କେତେ କେତେ ଦାଗ ଲିଭାଏ ।

ପରସ୍ପର ସହ ଘଷିହେବାର ଅଦ୍ଭୁତ ସ୍ୱପ୍ନ ମାନେ,
ପଟୁଆରରେ ବାହାରି ପଡ଼ନ୍ତି ତା'ପରେ ।

ଘରର ମଝି ଚଟାଣରେ ମୁହଁ ମାଡ଼ି ପଡ଼ିଥାଏ
କ୍ଲାନ୍ତ କେତୋଟି ଚୁଡ଼ି ।

ଛାଇ ପରି ନିବିଡ଼ ରାତିର ଛାତିକୁ
ହାତୁଡ଼ିରେ ପିଟୁଥାଏ
ହାତ ନଥିବା ଅନ୍ଧାର ।

ଚନ୍ଦନ ପରି ଘୋରି ଘୋରି
ନିଃଶେଷ ହେଉଥିବା ଆୟୁଷକୁ
ସକାଳ ପାଇଁ ଶିକାରେ ସାଇତି ରଖି
ଯିଏ ସୁନାଖଡ଼ିକା ପରି ଦେହକୁ ଯାଚିଦିଏ
ଅସୁର ପାଖରେ

ସେ କ'ଣ ଜାଣେ
ରାତି ସାରା ବାହାରେ ବୁଲୁଥାଏ କେମିତି
ଘର ଭିତରର ଦୁର୍ଗନ୍ଧ !

ꝏꝏ

## ସ୍ତ୍ରୀ–୨

## କୃଷ୍ଣ କୁମାର ମହାନ୍ତି

କୋଉଠି ନଥାଉ ତୁ ।

ଆକାଶରେ ଉଡୁଥିବା
ଚୁନାଚୁନା ଚଢ଼େଇ ଆଖିରେ କି
ଦୁଆର ମୁହଁରୁ ଫେରି ଯାଇଥିବା ଭଙ୍ଗା
କେନ୍ଦରାର ସ୍ୱରରେ !

ଥାଉ ତୁ କୋଉଠି ସତରେ !

ତୁ ନଥିବାବେଳେ ହିଁ
କାନ୍ଥରେ ଓହଳିଥିବା ପରିତ୍ରାଣମାନେ
ଓହ୍ଲେଇ ଆସନ୍ତି ଗୋଟାକ ପରେ
ଗୋଟାଏ
ମୋ ଠୁଁ ମାଗନ୍ତି ମୋକ୍ଷ ।

ତତେ ଖୋଜିବାକୁ ବାହାରିଯାଏ
ମୋର ଅନ୍ତିମ ।
ବିଶ୍ୱାସ !

କୂଅରୁ ପାଣି କାଢ଼ିବା ବେଳେ
ଯୋଉ ପ୍ରତିବିମ୍ବ ଦିଶେ
ତାହା ତୋର ନୁହେଁ
ଚହଲାପାଣିରୁ ଛାଣି ଆଣିଲା ପରେ

ଯିଏ ଧରାଦିଏ
ସେ ତୁ ନୁହଁ
ତୋର ଧୂଳିବେଶ ।

କୋଉଠି ଥାଉ ଯେ ତୁ ?

ଗାଧୁଆଘରର ଦର୍ପଣରେ ଦିଶେ ଯୋଉ
କଳାରଙ୍ଗର ମୁହଁ,
ଘଷିମାଜି ସଫା କଲା ପରେ
ଧୂଳି ଓ ଅଳନ୍ଧୁ
ହୁଏନି ସେ 'ତୁ' !

ଗୁମୁରି ଗୁମୁରି ଯୋଉ ଡାକଟି ଶୁଭେ
ପଶ୍ଚିମା ଜଙ୍ଗଲରୁ
ଚମକି ପଡ଼ି ସେ ଡାକରେ ଯିଏ
ଉଠି ବସେ
ସେ ତୁ ନୁହଁ ।

ତୁ ନ ଥାଉ ଖଣ୍ଡମଣ୍ଡଳରେ
କୋଉଠି ଥାଉ ସତରେ !
ମନ୍ଥୁରା ମନ୍ଦାର ଫୁଲ ଧରି
ଯିଏ ଟହଲ୍ ମାରେ ତୋ ଘର ଆଗରେ
ତାକୁ ବାଟ ଭୁଲେଇ ନେଇଯାଇଥିବା
ପାଦ ହଳକ ତୋର ନୁହଁ....

ବୁଢ଼ିଆଣୀ ଜାଲ ପରି
ତୋର ସେ ଅଡୁଆସୂତାର ଘର
ତୋର ନୁହଁ ।

ଯିଏ ଆସେ ସେ ଘରକୁ ଥରେ
ସେ ଫେରିପାରେନା କେବେ ବି ।

ତୁ ନ ଥାଉ ସେଠି
ତୁ ନଥାଉ କୋଉଠି ବି ।
∞∞

# ଅସତୀ

## କୃଷ୍ଣ କୁମାର ମହାନ୍ତି

ତୁ ପଥର ପାଲଟୁଥିବା ବେଳେ
ପାଣିରେ ସିଆର୍ କାଟି
ମୁଁ ରଚୁଥାଏ ବିମୋଚନର ମନ୍ତ୍ର ।

ତୁ ଠିକ୍ ଜାଣୁ
କୋଉଠି ନିହାଣ ମାରିଲେ
ଭାଙ୍ଗି ପଡ଼ିବ ଭଗ୍ନାଂଶ,

କୋଉଠି ହାତ ଛୁଏଁଇଲେ
କଅଁଳିବ ଦୂବ ।

ମାଠିଆର ପାଣିକୁ ପିନ୍ଧି
ତୁ ବେଶ୍ କରିପାରୁ ତାଣ୍ଡବ ।
ଲିଭି ଆସିଲା ବେଳକୁ ଦୀପ
ତୁ ହିଁ ବୁହାଉ ବିଷ ।

କାହାକୁ ସିନ୍ଦୁକରେ ଲୁଚେଇ
କାହାକୁ ନେଇ ଯୁଦ୍ଧକୁ ଯିବୁ
ତତେ ଇ ଜଣା ।

ଡାଆଣୀ ଆଖିରୁ ତୋଳି ଆଣି
କେବେଦିନେ ତିଆରିଥିଲୁ ଯେଉଁ
ଜନପଦ,
ଗଛ କୋରଡ଼ରେ ରଖି ତାକୁ
ତୁ ଦେଖାଉଚୁ ଏବେ
କୁମ୍ଭୀର–ନାଚ !

[] ୨ []

ଜାଣିଥା'
ତୁ ଡାଳରେ ତିଆରି କରୁ ଯେବେ
ରାସ୍ତା,
ମୁଁ ପତ୍ରରେ ଆରମ୍ଭ କରେ
ତୋ ବିନାଶର ଯାତ୍ରା ।

କହ,
କୋଉଠୁ ଆରମ୍ଭ କରିବି
ମୁକ୍ତିର ଏ
ମହାଯଜ୍ଞ !

ଡଡ

**କୃଷ୍ଣ କୁମାର ମହାନ୍ତି,** ଓଡିଆ ଭାଷାର ଜଣେ ପ୍ରତିଷ୍ଠିତ କବି, ଗାଳ୍ପିକ, ଅନୁବାଦକ, ସ୍ତମ୍ଭକାର ଓ ସମ୍ପାଦକ । ତେବେ ସେ ଓଡିଆ ସହ ଇଂରାଜୀରେ ବି ଲେଖନ୍ତି । କେନ୍ଦ୍ରୀୟ ସାହିତ୍ୟ ଅକାଡେମୀ, ନେସନାଲ ବୁକ ଟ୍ରଷ୍ଟ, ଆକାଶବାଣୀ, ଦୂରଦର୍ଶନ ଓ ଅନେକ ଅନୁଷ୍ଠାନ ସହ ସେ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗରେ ପ୍ରଚାର ପ୍ରସାର ପାଇଁ ଜଡ଼ିତ ଅଛନ୍ତି । ସେ ହିନ୍ଦୁସ୍ତାନ ଟାଇମ୍ସ୍, ଏସିୟାନ୍ ଏଜ୍, ସନ୍‌ଡେ/ସଣ୍ଡେ ମେଲ୍ ଆଦି ସମ୍ବାଦପତ୍ରରେ ନିୟମିତ ଲେଖିଥାନ୍ତି । ଅନେକ ଓଡିଆ ସମ୍ବାଦପତ୍ର ଯଥା ଧ୍ୱନି ପ୍ରତିଧ୍ୱନି, କ୍ରାନ୍ତିଧାରା, ସେଇଠୁ ଆରମ୍ଭ ଇତ୍ୟାଦିର ସମ୍ବାଦ ଓ ବିଶେଷ କରି ସୃଜନ ପୃଷ୍ଠାଗୁଡ଼ିକର ସମ୍ପାଦନା କରିଆସୁଛନ୍ତି । ଗଲା କିଛି ବର୍ଷ ଧରି ଓଡ଼ିଶାରୁ ବାହାରୁଥିବା 'ରେବତୀ, ଆମ ମାଟିର ସ୍ୱର' ପତ୍ରିକାର ସେ ସମ୍ପାଦନା ଦାୟିତ୍ୱରେ ଅଛନ୍ତି । ସେ ତାଙ୍କର ସାରସ୍ୱତ ପ୍ରତିଭା ପାଇଁ କଥା ନବ ପ୍ରତିଭା ସମ୍ମାନ, ଅଖିଳ ମୋହନ କଥା ସମ୍ମାନ, ଅଙ୍କୁର ସମ୍ମାନ, ରବି ପଟ୍ଟନାୟକ ସ୍ମୃତି ପୁରସ୍କାର, ଆଦି ଅନେକ ପୁରସ୍କାରରେ ସମ୍ବର୍ଦ୍ଧିତ ହୋଇଛନ୍ତି । ସେ ବାଲେଶ୍ୱରରେ ରହନ୍ତି ।

ଡଡ

# ଗଣତନ୍ତ୍ର

**ଅନୀଲ କୁମାର ପାଢ଼ୀ**

ମଧ୍ୟ ଏପ୍ରିଲ୍ ର ଖରା ପ୍ରଚଣ୍ଡ । ଗଛପତ୍ରଗୁଡିକ ପ୍ରାୟ ସ୍ଥିର ଅଥବା କଦବା ନଇ ଆଡୁ ଝାଙ୍କିଆସୁଥିବା ଝାଞ୍ଜିରେ ସାମାନ୍ୟ ଉଦ୍ବେଳିତ । ଗଛଛାଇରେ ଜନ୍ଦାପିମ୍ପୁଡ଼ି, କୁକୁର, ବୁଲାଗାଈ, ଷଣ୍ଢମାନଙ୍କ ରାଜୁତି ।

ସେ ତା'ର ଶୁଭ୍ରକେଶ, ବକ୍ର ଅଣ୍ଟା, ଲୋଚାକୋଚା ଚର୍ମ, ନିଷ୍ପ୍ରଭ ଆଖି ଆଉ ଦୁର୍ବଳ ପାଦ ଦୁଇଟିକୁ ଗୋଟାଏ କଣ୍ଟାବାଉଁଶର ବାଡ଼ିର ସହାୟତାରେ ଆଗକୁ ଟାଣୁଥିଲା । ପ୍ରଧାନମନ୍ତ୍ରୀ ଯୋଜନାର କଂକ୍ରିଟ ଗ୍ରାମ୍ୟ ସଡ଼କ । ଉହଡହ ରାସ୍ତାମାନେ ଆଜିକାଲି ଭାରି ସୌଖିନ୍ ହୋଇଗଲେଣି । ତମେ ଭାରୀ ବୁଟ୍, ହାଇହିଲ୍ ଚପଲ ପିନ୍ଧ, ସେମାନେ ନରମିଯିବେ । ହେଲେ, ଏଇ ଫଟାଗୋଇଠି, ଦରିଦ୍ର ଖାଲି ପାଦମାନଙ୍କ ପାଇଁ ଅହୋରାତ୍ର ସେମାନଙ୍କର ଧାରା ୧୪୪ ! ରାଗିକି ଫଁ ଫଁ ହେଉଥିବେ ସେମାନେ ।

ବୃଦ୍ଧ କିନ୍ତୁ ଛାଡିବାର ଜନ୍ତୁ ନୁହେଁ । ସେ ସେଇ ତତଲା ସଡ଼କ ଉପରେ ଚାଲୁଛି, ଗାମୁଛା ଖସିଗଲେ ଅଣ୍ଟି ସଜାଡୁଛି, ବେକ ଗାମୁଛାରେ ମୁହଁ ପୋଛୁଚି ଏବଂ ଦୂରକୁ ଅନଉଛି ! ଅଂକାବଂକା ହୋଇ ରାସ୍ତା ଲମ୍ବିଛି ଯେ ଲମ୍ବିଛି । ସରିବନି କି !

ଗଣ୍ଡେ ପଖାଳ ଖାଇ ସେ ବାହାରି ଆସିଛି । ବାହାରିଆସିଲା ବେଳେ ଘରର ତାଟିକୁ ଆଉଜେଇ ଆଣିଛି । ବାତ୍ୟା ପରେ ମିଳିଥିବା ପଲିଥିନର ଛାତ, ତଳେ ଛିଣ୍ଡା ଚାଞ୍ଚଟିଏ । ପାଖକୁ ପଖାଳ ହାଣ୍ଡି, ଗୋଟେ ଡବାରେ କିଛି ଚାଉଳ, ଆଳୁ ଚାରିପାଞ୍ଚଟା, କଞ୍ଚାଲଙ୍କା ଏବଂ ଆସ୍କା ଫର୍ଟି ବୋତଲରେ ସୋରିଷ ତେଲ ମୁନ୍ଦାଏ ! ଗୋଟେ ମଳିପିଇ ଟାଣ ହୋଇଯାଇଥିବା ଗାମୁଛା ଶୁଖୁଛି ଘର ଭିତରେ ଟଣାଯାଇଥିବା ରଶିରେ । ଠାକୁରଙ୍କ ଫଟୋଟିଏ ବି ନାହିଁ କୋଉ କୋଣରେ । ଅବଶ୍ୟ ଠାକୁରଙ୍କ ରୂପରେ ପଲିଥିନ୍ କଣାରେ ଦିଶନ୍ତି ସୂର୍ଯ୍ୟ, ଚନ୍ଦ୍ର ଆଉ ଇନ୍ଦ୍ରଦେବତା ।

ତାଟି ଆଉଜେଇ ଆଣିଲାବେଳେ ସେ ବେଶୀ କିଛି ଭାବିନଥିଲା ।

ସଞ୍ଜ ନଇଁଲେ ନିଦ ନଇଁଆସେ । ବେଶୀ ସମୟ ଚେଇଁଲେ ଭୋକଲାଗେ । ଏ ନିୟମ ତାକୁବି ଜଣା, ଯେମିତି ଚାଲାକଚତୁର ମଣିଷମାନେ ବି ଜାଣନ୍ତି। ସେଥିପାଇଁ ଚାଲାକଚତୁର ନେତା, ବ୍ୟବସାୟୀ ଆଉ ବାବୁମାନେ ବେଶୀସମୟ ଶୁଅନ୍ତିନାହିଁ । ତାଙ୍କ ମୁଣ୍ଡସବୁ ଘାଇଁଘାଇଁ ବୁଲୁଥାଏ - ଦଙ୍ଗା, ଲୁଟ୍, ଜୁଆ, ଠକେଇ, କଳାବଜାରୀ, ହତ୍ୟା, ନିଶା ! ରାତି କୁଳାଏନି ଏଥିପାଇଁ । ସେମାନଙ୍କର ସ୍ୱପ୍ନର ଅନ୍ତ ନଥାଏ, ପ୍ରାପ୍ତିର ଶେଷନଥାଏ ।

ବୁଢ଼ା ଥକିପଡେ, ଗହନ ନିଦରେ ଶୋଇପଡ଼େ । ମଶାମୂଷାମାନେ ତାକୁ କୁତୁକୁତୁ କରନ୍ତି, ସେ ଉଠେନାହିଁ । ମଶାମାନଙ୍କ ନିଶ କୁନ୍ଥା ହୋଇଯାଏ । ସେ ଉଠେନି । ଗୋଟିଏ ଭରପୂର ଗଣତାନ୍ତ୍ରିକ ଦେଶର ସେ ସ୍ୱାଧୀନ ନାଗରିକ । ତା' ପାଖରେ ମୌଳିକ ଅଧିକାରର ବିଶାଳକାୟ ପୁଞ୍ଜି ! କୋଉ ବୋପାର ସାହାସ ନାହିଁ ତାକୁ ନିଦରୁ ଉଠେଇବ ! ଭୋକ ଆଉ ରୋଗମାନଙ୍କ ପରି ଚଗଲିଆ ଆଉ ଦୁଷ୍ଟ ଟୋକାମାନେ ବି ହାର୍ ମାନିଗଲେଣି ! ଭୋକରେ ପେଟ ଗଁ ଗଁ ହୁଏ, ମୋଡ଼ିହୁଏ ଏବଂ ଶେଷରେ ଚାଟଶାଳୀରେ ଗୁରୁଙ୍କ ଆଗରେ ବସିଥିବା ଦୁଷ୍ଟପିଲାଟି ପରି ତୁନି ରହିବାକୁ ବାଧ୍ୟ ହୁଏ । ରୋଗ ଭାଲୁପରି ମାଡ଼ିବସେ, ଜ୍ୱରରେ ଦେହ ଥରେ, କାଶ ହୁଏ, ଝାଡ଼ା ହୁଏ । ସେମାନେ ବି ଦୌଡୁଥିବା ପିଲାପରି ଥକିପଡ଼ନ୍ତି । ବୁଢ଼ା ଉଠେ, ଡାଟି ଆଉଜାଏ, ଭିକ ପାଇଁ ବାହାରିଯାଏ ।

ସେ ବଂଚେ । ଗଣତନ୍ତ୍ର ତାକୁ ମରିବାକୁ ଦିଏ ନାହିଁ କି ଗଣତନ୍ତ୍ରର ସଂଜ୍ଞା କେଜାଣି - ଲୋକମାନଙ୍କର, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଦ୍ୱାରା ! ଏପରି ଲୋକମାନଙ୍କ ସ୍ଥିତି ଗଣତନ୍ତ୍ର ପାଇଁ ଅନିବାର୍ଯ୍ୟ, କାରଣ ଗଣତନ୍ତ୍ରର ଗଣ ହେଉଛନ୍ତି ଏଇମାନେ । ଏଇମାନଙ୍କ ଦ୍ୱାହିଦେଇ ଗଣତନ୍ତ୍ର ଚାଲେ । ବେଳେବେଳେ ଦଉଡ଼େ । ଏମାନେ ଗତିହୀନ ହେଲାବେଳେ ଗଣତନ୍ତ୍ର ବୁଲେଟ୍ ଟ୍ରେନ୍ ପାଲଟିଯାଏ, ଅଭ୍ରଂକଷ ପାଲଟିଯାଏ ଯେଉଁଠୁ ଏଇମାନେ ଦିଶନ୍ତି ନାହିଁ !

ଡାଟି ଆଉଜେଇ ଆସିବାର ମୁହୂର୍ତ୍ତ ଠୁଁ କିଛିଦିନ ପଛକୁ ଫେରିଗଲେ ସେ ପଞ୍ଚବାର୍ଷିକ ପ୍ରତିଶ୍ରୁତିର ପାହାଡ଼କୁ ଦେଖିପାରେ । ଏଇ ପାଞ୍ଚବର୍ଷିଆ ଯାତରାକୁ ଅନ୍ୟୂନ ଦଶଥର ତ ସେ ଦେଖିସାରିବଣି । ଆଗରୁ ଯାତରା କଳାଧଳା ଥିଲା ତ, ଏବେ ସମ୍ପୂର୍ଣ୍ଣ ରଙ୍ଗୀନ । ଡବଲ୍, ଟ୍ରିପଲ୍ ଷ୍ଟେଜ୍ । ସେବେ ଛୋଟ ଗାନ୍ଧିମୁଣ୍ଡିଆକୁ ଏବେ ବଡ ଗାନ୍ଧିମୁଣ୍ଡିଆ ! ସେବେ ରାସନର ପ୍ରତିଶୃତିକୁ ଏବେ ପକ୍କାଘର, ବିଜୁଳି, ଗ୍ୟାସଚୁଲୀ !

ଏଇ କାଳେ ଗଣତନ୍ତ୍ର !!

ଆଗରୁ ସେ ଏ ନାଁ ଶୁଣିଥିଲା । ଶୁଣିଥିଲା କି ! କେଜାଣି ଏଇ ଗଣତନ୍ତ୍ରର ସାଙ୍ଗିଆ କଅଣ ! ସେ କେବେ ସାମ୍ନାକୁ ଆସେନା । ଲୋକ ପଠାଏ । ସେଇ ଲୋକମାନେ ଆସି ଡାଟି ଖଡ଼ଖଡ଼ କରନ୍ତି । ବୁଢ଼ା ଡାଟି ଖୋଲି ବାଡ଼ିରେ ଭରାଦେଇ ଠିଆହେଲା ବେଳକୁ ଦେଖେ କେହିଜଣେ ତା ପାଦ ଛୁଉଁଛି ! ବୁଢ଼ାର ପାକୁଆ ପାଟିରୁ ଟିକେ ହସ ଉକୁଟିଆସେ । ସେମାନଙ୍କ ଭିତରୁ କେହିକହେ, ମଉସା ! ଗଣତନ୍ତ୍ର ବର୍ତ୍ତମାନ ବିପଦରେ । ଦେଶକୁ ବିଦେଶରୁ ଗୁପ୍ତଚର ପଶିଆସିଲେଣି !

କେହି କହେ, ଇଏ ପୃଥିବୀର ଏକମାତ୍ର ହିନ୍ଦୁ ରାଷ୍ଟ୍ର । ଅନ୍ୟ ଧର୍ମର ଲୋକମାନେ ଆମ ଧର୍ମକୁ ନଷ୍ଟ କରିଦେଲେଣି ।

ଏ ରାଷ୍ଟ୍ର ଧର୍ମନିରପେକ୍ଷ । ସମସ୍ତେ ସମାନ । ଯେଉଁମାନେ ଜାତି ଓ ଧର୍ମ ନାମରେ ବିଭେଦ ସୃଷ୍ଟି କରୁଛନ୍ତି ସେମାନଙ୍କୁ ଭୋଟ୍ ଦିଅନା ।

ତାଟି ବାହାରେ ଗଣତନ୍ତ୍ରର ଜୟ ଜୟକାର ପଡ଼େ । ବୁଢ଼ା ପଚାରେ, ବାବୁରେ ! ସବୁଥର ପରି ଏଥର ବି ଗଣତନ୍ତ୍ର ନିଜେ ଆସିଲାନି ! ଥରେ ଦେଖିଥାନ୍ତି ତାକୁ !

ପ୍ରଚାରଦଳ କଥାବାର୍ତ୍ତା ହୁଅନ୍ତି, ହେଃ, ଏ ଶଳା ଗଣତନ୍ତ୍ର କଣ୍ ବୁଝିବ ଯେ ! ଦିଅ, ଦିଅ, କାମ ସାର ! କେହିଜଣେ ବୁଢ଼ା ହାତରେ ପାଁ'ଶ ଟଙ୍କିଆ ଖଣ୍ଡେ ଧରେଇ ଦେଇ ବାରମ୍ବାର ମନେପକେଇ ଦିଏ, ଅମୁକ ଚିହ୍ନ । ସେଇଠି ବଟନ୍ ଦବେଇବ ।

ତାଟି ଆଗରୁ ଗହଳି କମିଯାଏ ।

ଡବାକୁ ଚାଉଳ ଆସେ, ଆସ୍କା ଫର୍ଟି ବୋତଲକୁ ସୋରିଷ ତେଲ । ଆଳୁପୋଡ଼ାକୁ ସୋରିଷ ତେଲ, ମିଶାମିଶି ଚାଉଳର ପଖାଳ ବଦଳରେ ଏକବର୍ଣ୍ଣୀ ଚାଉଳ ! ଗଣତନ୍ତ୍ର ବୋଧେ ଜିଭର ସୁଆଦରେ ଥାଏ । ଛୁଙ୍କ ଆଉ ଛିଙ୍କରେ ଥାଏ । ବୁଢ଼ାର ନିଷ୍ପ୍ରଭ ଆଖିଉପରେ ନିଦ ଚାଦରହୋଇ ଗୁଡ଼େଇ ହୋଇଗଲାବେଳେ ତସ୍କର ପରି ଗଣତନ୍ତ୍ର କୁଡିଆରେ ପଶେ, ଦେଖେ ବୃଦ୍ଧଟି, ନା, ନା ଗଣତନ୍ତ୍ର ମଣିଷକୁ କେବଳ ଭୋଟର୍ ବୋଲି ଚିହ୍ନେ; ଏଣୁ, ଭୋଟରଟି ନିର୍ଦ୍ଦିଷ୍ଟ ନିଦରେ ଶୋଇଛି । ଏପରି ଭୋଟର ଗଣତନ୍ତ୍ରର ଉତ୍କୃଷ୍ଟ ଭୋଟର, କାହିଁକି ନା ଏମାନେ ସ୍ୱପ୍ନ ତ ଛାଡ଼, ନିଦଅଳସରେ ବାଉଳେଇ ହୁଅନ୍ତି ନାହିଁ । ନିର୍ବାଚନୀ ସଭାକୁ ବ୍ରଏଲର୍ କୁକୁଡ଼ାପରି ବୁହାହୋଇ ଯିବେ, କୁକୁରମାନଙ୍କ ସହିତ ମିଶି ଅରୁଆଚାଉଳ, ଡାଲମା ଖାଇବେ, ହାକୁଟି ଓ ତାଳିମାରିବେ ! ଏମାନେ କୋଉ ବିଧାନସଭା କି ଲୋକସଭାରେ ଠିଆହୋଇ ନିର୍ବାଚିତ ଲୋକପ୍ରତିନିଧି ଆଉ ବାଚସ୍ପତିଙ୍କୁ ପଚାରିପାରିବେ ନାହିଁ, ଭାଇମାନେ ! ଏଇଠି ପା' ଗଣତନ୍ତ୍ର ! କାହିଁ କୋଉଠି ? ତାକୁ ପଚାର ତ ସେ କାହିଁକି ମୋତେ ଦେଖାକରେନା ! ସେ ମୋତେ ଚିହ୍ନିଛି ନା ନାହିଁ !

ଏମାନେ ତାଟି ଆଉଜେଇ ନିର୍ବିଘ୍ନରେ ଶୋଇଯିବାର ଅଭ୍ୟାସ କରିଥିବା ଜିଆଗୁଡ଼ାକ ! ଅମେରୁଦଣ୍ଡୀ ! ପେଟେଇପେଟେଇ ଚାଲିବେ, ମାଗିବେ ! କେଉଁ ପରିସଂଖ୍ୟାନରେ କେବେ ଜିଆମାନେ ସ୍ଥାନ ପାଆନ୍ତି !

ବୁଢ଼ା ଆଗରେ ଭୋଟ କେନ୍ଦ୍ରକୁ ଯିବାପାଇଁ କିଛି ବିକଳ୍ପ ବି ଥିଲା । ସେ ସ୍କୁଟର କି ଟ୍ରେକରରେ ଯାଇପାରିଥାଆନ୍ତା ! ହେଲେ, ଯେତେବେଳେ ପ୍ରତିନିଧିମାନେ ଆମ ସାଙ୍ଗରେ ଯିବୁ, ତାଙ୍କ ସାଂଗରେ ଯିବୁନି ଇତ୍ୟାଦି ବାରଣ ଲଗେଇଲେ ସେ ନିଜେ ଚାଲିଚାଲି ଯିବାକୁ ସ୍ଥିରକଲା । ଏକଥା ଆଜି ନୁହେଁ,

ପ୍ରତିଥର ସେ କରିଆସିଛି, ହଁ ଫରକ୍ ଏତିକି ଯେ ସେ ପାଞ୍ଚବର୍ଷ ଅଧିକ ବୁଢ଼ା ହୋଇଯାଇଛି । ମାତ୍ର ଦୁଇ କିଲୋମିଟର ରାସ୍ତା । ଦିପହର ଯୋଗୁଁ ରାସ୍ତାରେ ଭିଡ଼ ବି ନାହିଁ !

ବୁଢ଼ା ସମୁଦାୟ ଏଗାରଶହ ପାଇଥିଲା । ଗଲାଥର, ତା' ଆରଥର କେତେ ହେଇଥିବ ତା' ପରି ଭୋଟର୍‌ର ଦାମ୍ । ଏଇ ତିନିଶ'ରୁ ପାଆଁଶ ଭିତରେ ତ ! ଏଥରକ ଏଗାର ଶହ ! ବୁଢ଼ା ହୁଏତ ଦୁଇମାସ ଚଳିଯିବ ! ହଁ ଅଭାବରେ, ଅସୁସ୍ଥତାରେ, ବୁଝାମଣାରେ ! ଗଣତନ୍ତ୍ର ତ କେବଳ ଚଳିଯାଏ, ଅସୁସ୍ଥତାରେ, ଅଭାବରେ ଆଉ ବୁଝାମଣାରେ । ସରକାର ଭାଙ୍ଗେ, ଗଢ଼େ, ହିଂସାରୁ ରକ୍ତପାତ ହୁଏ ଏବଂ ଶେଷକୁ ସାଲିସ୍‌କରା ଭୋଟର୍‌ମାନେ ବୁଝାମଣା କରିନିଅନ୍ତି ।

ଝଡ଼ ପରକୁ ବୁଢ଼ା ପଲିଥିନ୍ ପାଇଥିଲା ।

ଦେଲା କିଏ ? ଏଇ ଗଣତନ୍ତ୍ର ।

ସରକାରୀ ଜମିରେ ବୁଢ଼ାର କୁଡ଼ିଆ ।

ଅନୁମତି ଦେଲା କିଏ ? ଗଣତନ୍ତ୍ର !

ଏ ସଡ଼କ କଲା କିଏ ? ଗଣତନ୍ତ୍ର !

ବୁଢ଼ା ପାଟିରେ ଗଣତନ୍ତ୍ର ଠିକ୍‌ରେ ପଶେନା ବରଂ ଫସିଯାଏ । ସେ କହେ ଗନ୍....ତନ୍ !

ହେଃ! ଗନ୍ ର ମାନେ ପରା ବନ୍ଧୁକ । ତନ୍ ର ମାନେ ଶରୀର ! ଗଣତନ୍ତ୍ର କ'ଣ ଶରୀର ଆଡ଼କୁ ମୁହେଁଇଥିବା ବନ୍ଧୁକ !

ହେଇ, ଆଗକୁ ଦିଶିଲାଣି ସ୍କୁଲଘରର ଆଜବେଷ୍ଟସ ଛାଉଣି । କିଛି ଲୋକବି ଦିଶୁଛନ୍ତି ! ଏପ୍ରିଲର ଖରା ତତଲା ପିଚୁ ପରି ଦେହରେ ଢାଳିହୋଇଯାଉଛି । ମୁହଁ, ପେଟ ଓ ପିଠିକୁ ଗାମୁଛାରେ ଆଉଥରେ ପୋଛି ବୁଢ଼ା ପ୍ରସ୍ତୁତହୋଇ ନାମ ଓ ଚିହ୍ନଗୁଡିକୁ ହେଜିବାକୁ ଲାଗିଲା ! ଏଇ ଯୋଉ ତା'ର ମଗଜ, ସିଏ ଆଜିକାଲି କିଛି ବି ଠିକ୍‌ରେ ମନେରଖିପାରୁନି । ଏତିକି ଖାଲି ମନେପଡୁଛି ତିନିଟା କି ଚାରିଟା ଚିହ୍ନ ଓ ତିନିଟା କି ଚାରିଟା ନାଁ ! ଗୋଟେ ଚିହ୍ନରେ ସେ ଭୋଟ୍ ଦବ, ହେଲେ, କୋଉ ଚିହ୍ନରେ ! କେମିତି ବାଛିବ ସେ ! ନ'ବାଛିଲେ ଗଣତନ୍ତ୍ର ରୁଷିବ । ଶାସନ କରିବ ନାହିଁ, ପଲିଥିନ୍ ଦବନାହିଁ, ସଡ଼କ ବନେଇବ ନାହିଁ ! ଏକବର୍ଣ୍ଣୀ ଚାଉଳର ପଖାଳ ମିଳିବ ନାହିଁ, ଗାନ୍ଧିମୁଣ୍ଡିଆ ନୋଟ୍ ମିଳିବନାହିଁ ।

ଗେଟ୍ ପାଖରେ ପହଁଚିଲା ପରେ ବୁଢ଼ା ଖୁସି ହୋଇଗଲା । କିଏ ଜାଣେ ଆଉ ପାଞ୍ଚବର୍ଷ ପରେ ସେ ଜୀବିତ ଥିବ କି ନାହିଁ ।

ଧାଡ଼ିରେ କମ୍ ଲୋକ ଥାଆନ୍ତି । ଗୃହ ଭିତରକୁ ପଶିଯାଇ ସେ ନିଜର ନାଁ କହିଲା । ଗ୍ରାମର ନାମ କହିଲା ।

ଫାଷ୍ଟ ପୋଲିଂ ଅଫିସର କାଗଜ ଖୋଲିଲେ । ନାଁ ନାହିଁ । ପଚାରିଲେ, ତମର ପରିଚୟ ପତ୍ର ଦେଖାଅ । ଭୋଟର୍ ଆଇଡି, ଆଧାର, ଡ୍ରାଇଭିଂ ଲାଇସେନ୍ସ, ପାନ୍ କାର୍ଡ଼, ରେସନ୍ କାର୍ଡ଼ !

ବୁଢ଼ା ଫାଁ ହୋଇ ଅନେଇଲା । ଏସବୁ ଜିନିଷ ତା ପାଖରେ କେବେବି ନଥିଲା ଯଦିଓ ଗଣତନ୍ତ୍ର ପ୍ରତିଶ୍ରୁତି ଦେଇଥିଲା ଏସବୁ କରେଇଦବ ବୋଲି ! ପ୍ରତିଥର ଏସବୁ ବିନା ସେ ଭୋଟ୍ ଦେଇଦିଏ ।

ଫାଷ୍ଟ ପୋଲିଂ ଅଫିସର୍ ପ୍ରିଜାଇଡ଼ିଂ ଅଫିସରଙ୍କ ଆଡ଼କୁ ଚାହିଁଲେ ଆଉ ପ୍ରିଜାଇଡ଼ିଂ ଅଫିସର ଏଜେଣ୍ଟମାନଙ୍କ ଆଡ଼କୁ । ଏଜେଣ୍ଟମାନେ କ'ଣ ଇଙ୍ଗିତ କଲେ । ପ୍ରିଜାଇଡ଼ିଂ ଅଫିସର ଏ ବୁଥ୍ ରେ କୌଣସି ଅସୁବିଧା ହେବନାହିଁର ବଚନ ନେଇଥିଲେ ଏଜେଣ୍ଟମାନଙ୍କ ପାଖରୁ । ତା ବଦଳରେ ନିଜନିଜ ପାର୍ଟି ପାଇଁ ଜଣକା ପଚାଶ ଫଲ୍ସ ଭୋଟିଂର ଲୋଭ !

ମଉସା ! ତମେ ଟିକେ ଅପେକ୍ଷା କର ! ବାହାରେ ବସ । ଗଛ ଛାଇ ତଳକୁ ଯାଅ । ଆମେ ତମକୁ ଡାକିବୁ ।

ବୁଢ଼ା ବାହାରି ଆସି ଗୋଟାଏ ଆମ୍ବଗଛ ତଳେ ବସିଲା । ବସନ୍ତର ଶେଷ ସ୍ପର୍ଶ ପରେ ବି ଆମ୍ବଡାଳ ସନ୍ଧିରୁ କୋଇଲିଟିଏ ରହିରହି କୁହୁତାନ କରୁଥାଏ । କିଛି ସମୟ ପରେ ଜଣେ ବ୍ୟକ୍ତି ତାଙ୍କ ପାଖରେ ପହଁଚି ପଚାରିଲା, ମଉସା ! ତମେ ଭୋଟ ଦେଇପାରିଲନି !

ନାଁ ରେ ପୁଅ । ବୁଢ଼ା କହିଲା ।

ବୁଢ଼ା ହାତକୁ ପାଣିବୋତଲଟିଏ ବଢ଼େଇ ବ୍ୟକ୍ତି ଜଣକ କହିଲେ, ଆଗେ ପାଣି ପିଇ ସାଷ୍ଟାମ ହୁଅ । ମୁଁ ତମକୁ ଭୋଟ ଦିଆ କରେଇଦେବି ।

ବୁଢ଼ା ଢକଢକ କରି ପାଣିପିଇଲା, ମୁହଁରେ ଛାଟିହେଲା । କହିଲା, ତୋର ଧରମ ହେଉରେ ପୁଅ ।

ଦେଖ ମଉସା ! ଏଠି ଏ ଶହେଦୁଇଶ ମିଟର ଭିତରେ ବଡ଼ ରେଷ୍ଟ୍ରିକ୍ସନ । ସିସିଟିଭି ଲାଗିଛି । ତମ ହାତରେ ଚୁପକରି କିଛି ଟଙ୍କା ଦେବି, ହେଲେ, ମୁଁ ଯୋଉଠି କହିବି ତମେ ସେଇଠି ଭୋଟ ଦବ !

ବୁଢ଼ା ହାତରେ ଟିକିଏ ଉଷୁମ ଅନୁଭବକଲା । ହେଲେ, ଗଣତନ୍ତ୍ର ଏସବୁ କ୍ଷେତ୍ରରେ ବଡ ଚାଲାକ୍ ! ଅମୁକସମୁକ କ୍ଷେତ୍ରରେ ଗୋଟେଦୁଇଟି ଭୋଟ୍ ର ବ୍ୟବଧାନରେ ନେତାଏ ହାରିଛନ୍ତି । ସେଥିପାଇଁ ଗଣତନ୍ତ୍ରମାନେ ଏବେ ଜାଗତିଆର୍ । ଏଇ ଜାଗତିଆର ଗୁଣ ଯୋଗୁଁ ହିଁ ବୁଢ଼ାକୁ ଘେରି ଠିଆ

ହୋଇଥିଲେ ଡ୍ୟୁଟିରେ ଥିବା ପୁଲିସ୍ ସବ୍ଇନିସ୍ପେକ୍ଟର ଆଉ ଦୁଇଜଣ କନେଷ୍ଟବଳ । ସବ୍ ଇନିସପେକ୍ଟର କହୁଥିଲେ, ଏ ବୁଢ଼ା ! ହାତ ଖୋଲ୍ !

ବୁଢ଼ା ହାତଖୋଲିଲା ବେଳକୁ ଗୋଟାଏ ପଚାଶଟଙ୍କିଆ ନୋଟ୍ ତା' ହାତରେ ।

ବସ୍ ଶଳା ଜିପ୍ ରେ ! ଚାଲ୍ ଥାନାକୁ ! ଛିଃ ! ଗଣତନ୍ତ୍ରର ନାଁ ବୁଡ଼େଇବ ତମପରି ଭିକାରୀ ଶଳେ ! ହେଇ ଖୋଜରେ, କିଏ ୟାକୁ ଟଙ୍କା ଦେଇଛି । ତାକୁ ବି ବସାଅ ଗାଡ଼ିରେ ! କହିଲେ ସବ୍ଇନିସ୍ପେକ୍ଟର ।

ବୁଢ଼ା ଜିପ୍ର ପଛ ସିଟ୍ରେ ବସିଥିଲା । ପବନ ବାଜୁଥିଲା ଦେହରେ ଏବଂ ବୁଢ଼ାକୁ ଛାଇନିଦ ଘୋଟିଆସିଲା ।

ଜୀବନର ପ୍ରଥମ ବହୁମୂଲ୍ୟ ସ୍ୱପ୍ନରେ ସେ ଦେଖିଲା ଗଣତନ୍ତ୍ରକୁ ! ଓଃ ! କି ଦୟନୀୟ ଦିଶୁଥିଲା ଗଣତନ୍ତ୍ର ! ସ୍ୱପ୍ନରେ ପ୍ରଥମଥର ବାଉଳିଚାଉଳି ହୋଇ ଚେଇଁଉଠିଲା ବୁଢ଼ା !

ଜିପ୍ ଚାଲିଥିଲା !!

ꝏꝏ

**ଅନୀଲ କୁମାର ପାଢ଼ୀ,** ପ୍ରାଧ୍ୟାପକ, ଇଂରାଜୀ ବିଭାଗ, କୁଞ୍ଜବିହାରୀ ମହାବିଦ୍ୟାଳୟ, ବାରଙ୍ଗ, ଖୋର୍ଦ୍ଧା । ଏଯାଏ ୨୪'ଟି ଗଳ୍ପ ସଂକଳନ, ୬'ଟି ଉପନ୍ୟାସ, ୨'ଟି ସମାଲୋଚନା ଗ୍ରନ୍ଥ ଓ ଗୋଟିଏ କବିତା ସଂକଳନ ପ୍ରକାଶିତ । ଦୁଇଡଜନ୍ ପାଖାପାଖି ସମ୍ମାନରେ ସମ୍ମାନିତ, ଯଥା: ଜାତୀୟ କଥା ପୁରସ୍କାର, ନୂଆଦିଲ୍ଲୀ; ଝଂକାର ବିଷୁବ ଗଳ୍ପ ପୁରସ୍କାର, କାଦମ୍ବିନୀ, ପଶ୍ଚିମା, ଅମୃତାୟନ, ପୁସ୍ତକମେଳା, ଅଳକା ଗଳ୍ପସମ୍ମାନ ଇତ୍ୟାଦି । ଗଳ୍ପ ଓ ଉପନ୍ୟାସର ବିଷୟବସ୍ତୁ ପ୍ରାୟତଃ ପରୀକ୍ଷାମୂଳକ ଯେମିତି ମନସ୍ତତ୍ତ୍ୱ, ଦର୍ଶନ ଓ ଆଧ୍ୟାତ୍ମିକତା ।

ꝏꝏ

# Being with nature

Bijay Biswaal




∞∞

∞∞


**Bijay Biswaal**, Indian brand ambassador of iconic WINSORANDNEWTON, London. He plays with watercolour, acrylic, ballpen, etc. He lives in Nagpur, India.
∞∞



.







# An orphan song

Subas Pradhan

Bapa left us for good
He became a memory,
Leaving everything behind
Emptying our armory!

Mami had gone before
To an unknown destiny,
Giving us a heads-up
To live in harmony!

For us, their children
It’s hard to bear,
Never knew the world
Without them being here!

From now as we go
We should be titans,
As a band of siblings
We are but orphans!

∞∞

# An eulogy for our fallen friends..

Subas Pradhan

To think that these people, dear friends so true,
Who embarked on journeys, alongside me and you,
Are no longer here, a sad and surreal ordeal,
Yet, we must face the truth, for it is so real.

No more conversations, their voices now gone,
No more interactions, forever withdrawn,
A void in our lives, an emptiness we feel,
Their absence a reminder, that life can be unreal.

In this humbling moment, let us truly see,
The fragility of life, how swiftly it can flee,
No time for vanity, no room for disdain,
Let's be kind to one another, soothe the pain.

For we know not when our time may draw near,
Or when fate may strike, and darkness appear,
So let us be vigilant, embrace the present hour,
And cherish every moment, for it holds great power.

With kindness in our hearts, let us all abide,
Respect and love, as our guiding light beside,
For in the face of loss, humility rings clear,
A reminder of our humanity, a call we must hear.

Oh, what a humbling feeling this can be,
To realize life's transient nature, don't you see?
Let us live with gratitude, and never forget,
The ones who departed, the lessons they beget.

For in their absence, they teach us to hold tight,
To the bonds we share, to love's eternal light,
So let us honor them, with each breath we take,
For in this humbling feeling, love will never break.

∞∞

# Keep walking

## Subas Pradhan

Keep walking keep walking
Walking towards our goals,
It's work that liberates
And frees our souls!

Work is the antidote
For poisons of life,
Work is the balm
For misery and strife!

Work is the answer
For poverty and plights,
Work is the revenge
For insults and slights

Working towards our goals
With Purpose and dedication,
It's the only beacon
And way to salvation!

∞∞

**Dr Subas Pradhan** is a psychiatrist by profession. He is an Australian citizen of Indian descent. He has considerable experiences of working in different countries and continents i.e. India, Australia, the UAE and the UK. He has a keen interest in medical teaching and research. Currently he is residing and practicing in Milton Keynes, UK. He is married and has two daughters. His hobbies include creative writing and public speaking!

∞∞

# ତୁମେ କି ପହିଲି ଆଷାଢ଼ ବରଷା

ଅରୁଣ କୁମାର ପାତ୍ର

ତୁମେ କି ଧୂସର ତରୁର
ଶ୍ୟାମଳୀ ଆଶା
ବାସହରା ଏକ ବିହଗ କଣ୍ଠରେ
ତୁମେ କି ଯେ ଏକ କରୁଣ ଭାଷା ।୦।

ଭରି ଦେବ ଆହେ ଫଗୁଣ ବନରେ
ପଳାଶର ନାଲି ରଙ୍ଗ
ସୂର୍ଯ୍ୟମୁଖୀର ଯୁବତୀ ଆଖିରେ
ଲଭିବ ସୂରୁଜ ସଙ୍ଗ
ଅନୁରାଗ ନେଇ ଛାଇ ଦେବ କିବା
ଆକାଶେ ଯେତେକ ଜୋଛନା ।୧।

ମରୁଜ ତରୁର ମୁଲାମି ଦେହରେ
ତୁମେ କି ସାଇତା ଜଳ
ଶୀତଳ ସରସୀ ଗଢ଼ିଯିବ ପୁଣି
ଆସିଲେ ନିଦାଘ କାଳ
ପଉଷ ସକାଳେ କନିଅରି ଖରା
ତୁମେ କି ପହିଲି ଆଷାଢ଼ ବରଷା ।୨।

ଓଓ

# ହଜିବାକୁ ଭଲ ଲାଗେ

ଅରୁଣ କୁମାର ପାତ୍ର

ହଜିବାକୁ ଭଲ ଲାଗେ
କେହି ଜଣେ ଖୋଜୁଥିଲେ
ଅଭିମାନେ ସୁଖ ଥାଏ
କେହି ଜଣେ ବୁଝୁଥିଲେ ।୦।

ପାହାଡ଼ର ଉହାଡ଼ରେ
ହଜିଯାଏ ଯେବେ ଜହ୍ନ
ସରସୀର ନୀଳ ଜଳେ
ଝୁରି ହୁଏ ଏକ ମନ
କହିବାକୁ ଭଲ ଲାଗେ
କେହି ଜଣେ ଶୁଣୁଥିଲେ ।୧।

ଝରଣା ଖୋଜିବା ପାଇଁ
ସାଗରେ ଜୁଆର ଆସେ
ହଜିଲା କୁସୁମ ପାଇଁ
ଅଳି ନୀରବରେ ବସେ
ରହିବାଠୁଁ ହଜିବାରେ
କେତେ ଯେ ଆନନ୍ଦ ମିଳେ ।୨।

ଠଠ

# ସମାଜର ଗୀତିକାର

**ଅରୁଣ କୁମାର ପାତ୍ର**

ମୁଁ ଶ୍ରାବଣର ମୁଁ ଫଗୁଣର
ପୁଣି କାକର ହକଳା
ସଜ ଶେଫାଳୀର ।୦।

ଶରତ ରାତିର ନୀଳ ଆକାଶର ଜହ୍ନ
ରହିଥାଏ ଚାହିଁ କିଣିବାକୁ ମୋର ମନ
ମାଟି ମଣିଷର ସୁଖଦୁଃଖ ଚିନ୍ତା ଦକ
ଭରିଅଛି ସବୁ ମୋ ଗୀତର ଦେହ ଯାକ
ମୁଁ କଳ୍ପନା କେତେ ଶିଳ୍ପୀର ।୧।

ପ୍ରିୟା ସଦନରେ ସପନ କେତେ ମୁଁ ବୁଣେ
ଜହ୍ନିଫୁଲ ଫୁଟା ଗାଆଁ ଦାଣ୍ଡେ ପୁଣି
କଳେଇ ଶଗଡ଼ ଆଣେ
ପୁଞ୍ଜିବାଦର ଭଗ୍ନଗଡ଼ରେ ମୋ ଗୀତ ଯେ ବିଚ୍ଛୁରିତ
ଜୟ ଯବାନର ଜାଗ୍ରତ ପ୍ରାଣେ
କଲମ ଧରେ ମୋ ହାତ
ମୁଁ ଏଇ ସମାଜର ଗୀତିକାର ।୨।

ଠଠ

**ଅରୁଣ କୁମାର ପାତ୍ର**, ଏକାଧାରରେ ଜଣେ ସାହିତ୍ୟିକ, ଗୀତିକାର, ସମାଜସେବୀ, କୃଷିବିତ୍, କୃଷି ବିଜ୍ଞାନ ଲେଖକ ।. କୃଷିରେ ସ୍ନାତକୋତ୍ତର, ଓଡ଼ିଶା ସରକାରଙ୍କ କୃଷି ବିଭାଗରେ କାର୍ଯ୍ୟରତ । ଆକାଶବାଣୀର ଗୀତିକାର (୧୯୯୩) । ପ୍ରାୟ ୩୨ ଗୋଟି ପୁସ୍ତକ ପ୍ରକାଶିତ । ସାହିତ୍ୟ ପୁସ୍ତକ: 'ଓଡ଼ିଆ ସାହିତ୍ୟରେ ନୂତନ ଢଗ ଢମାଳି' ଓ 'ଫଗୁଣ କନ୍ୟା', ରବୀନ୍ଦ୍ର ନାଥଙ୍କ 'ଗୀତାଞ୍ଜଳି'ର ଓଡ଼ିଆ ଅନୁବାଦ । କୃଷି କବିତା ପୁସ୍ତକ: 'କୃଷକଙ୍କ ଭାଷାରେ କୃଷି ବିଜ୍ଞାନ', 'ଭାଗବତ ଛନ୍ଦେ କୃଷି ବିଜ୍ଞାନ' ବା 'କୃଷି ଭାଗବତ', 'ଅରୁଣ କୃଷି ବଚନ', 'କୃଷି ବୋଲି ହୋ ଚାଷୀ ଭାଇ ହୋ', 'କୃଷି ଚାଳିଶା ଓ କୃଷି ଚଉତିଶା', 'କୃଷି ଗୀତି ସଂଚୟନୀ' । ଓଡ଼ିଶାର 'କୃଷି କବି' ସମ୍ମାନ (୨୦୧୪), 'ନୀରଦ ପ୍ରଭା ଗୀତିକବି ସମ୍ମାନ' (୨୦୨୨) ସହ ରାଜ୍ୟର ପ୍ରାୟ ୧୫ଟି ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ । ଓଡ଼ିଶାର ଗ୍ରାମାଞ୍ଚଳରେ 'କୃଷି ଟୁଙ୍ଗି' ଗଠନ, 'ମା ଭଦ୍ରକାଳୀ କୃଷି ନାଟ୍ୟ ସଂସ୍ଥା' ଓ 'ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟ' ପ୍ରତିଷ୍ଠା, ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରାରେ ଧାରା ବିବରଣୀ ପ୍ରଦାନ ଆଦି ବହୁ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟପାଇଁ ସୁପରିଚିତ ।

ଠଠ

# ଆବାହନୀ

## ତୁଷାର କାନ୍ତି ଦାସ

ପଶ୍ଚିମ ଘାଟ ପଶ୍ଚିମ ତଟେ ଯେବେ
ପରଥମ କରି ଶୁଣେ ତବ ଆଗମନୀ
ବନ୍ଧୁର ପୁଣି ବନ୍ଧୁର ବୁକୁ ଦ୍ରବେ
ସ୍ୱର୍ଣ୍ଣ ତୁମ୍ବର କରୁଛନ୍ତି ଆବାହନୀ (୧)

କାହିଁ ଏତେ କାଳ ଥିଲ ତୁମ୍ଭେ ବନ୍ଧୁପ୍ରିୟା
ବାନ୍ଧବଙ୍କ କୋଳେ ବାନ୍ଧୁଥିଲ କିଗୋ ମାୟା
ଅପେକ୍ଷାକୁ ସଖା ଉପେକ୍ଷା କଲେ ଯେବେ
ବିସ୍ତାରିଲ  ତବ ଚନ୍ଦନ ଶୀତଳ ଛାୟା (୨)

ପିତା ଗୃହରୁ ଯେ ପତି ଗୃହେ ଆସ ଚାଲି
ଅଳତାର ରଙ୍ଗେ ରଙ୍ଗୀନ କରି ପଦ
ଓଷ୍ଠଜଷ୍ଠୀ ଥରେ ଅଧରକୁ କରି ନାଲି
ଉତ୍ତିଷ୍ଠ କର ପ୍ରିୟଙ୍କ ଶାୟିତ ହୃଦ (୩)

ମଧୁ ମିଳନରେ ତବ ମଧୁ ମଧୁ ହସ
ତବ ବଧୂରୂପ ବନ୍ଧୁ ରହିଛି ଧ୍ୟାୟୀ
ଅଭିସାର ଆସେ ତବ ମୃଦୁଖର ଶ୍ୱାସ
ଅବସର ବାସେ ଗଡ଼ିକି  ଯାଇଛି ବିହି (୪ )

ନୟନରେ ତବ ସଦା ପ୍ରିୟ ପ୍ରିୟ ଭାବ
ଶୟନରେ ତବ ମଳୟ ମରୁତ ବହେ
ହସରେ ତୁମର  ଫୁଟି ଉଠେ ବଇଭବ
ରୋଷରେ ତୁମର ଧାରା ଫୁଲି ଉଠେ କୋହେ (୫ )

ଚାଲିରେ ତୁମର ମୁକ୍ତା  ପଡ଼ଇ ଖସି
ରହିଗଲେ ତୁମେ ଝରଣା ଅଟକି ଯାଏ
ପ୍ରଣୟେ ତୁମର ପଙ୍କଜିନୀ ଉଠେ ହସି
ବିରହେ ତୁମର ବୈଶାଖୀ ଥମି ଯାଏ (୬)

ଆଲୋକିତ ହୁଏ ପୂର୍ଣ୍ଣମୀ ଯେବେ ଆସି
ଅନେକ ଦିନର ପୂର୍ଣ୍ଣମାସୀ ସରିଯାଏ
ତୁମ୍ଭେ ଯଦି ଲୋଡ଼ ଗୋଟିଏ ସରଗଶଶୀ
ବନ୍ଧୁ ଲଢ଼ିବେ କୋଟିଏ ଚନ୍ଦ୍ରମା ଯାଏ (୭)

ତେଣୁ ହେ ବାନ୍ଧବୀ ରକ୍ଷା କରିବ ଅଳି
ଉଡ଼ିବାକୁ ଦେବ ବିସ୍ତାରିତ ପକ୍ଷୀ ସମ
ବାନ୍ଧିବନି ଆମ୍ଭ ସଖାଙ୍କୁ ପଣତ ତଳି
ଅସ୍ଥିର ସେ ଯେ ଲକ୍ଷ୍ୟ ତାଙ୍କର ବ୍ୟୋମ (୮)

ꝏꝏ

**ଡା. ତୁଷାର କାନ୍ତି ଦାସ,** ଏମ୍. ଡି., ଭେଷଜ ବିଶେଷଜ୍ଞ, ଲେଖକ, ଓ ବକ୍ତା । ରୋଗ ସମ୍ବନ୍ଧୀୟ, ମାନସିକ ଚାପ, ବାର୍ଦ୍ଧକ୍ୟ, ଜୀବନର ଗୁଣାତ୍ମକ ମାନ ଓ ସାମାଜିକ ସମସ୍ୟା ଆଦି ବିଭିନ୍ନ ବିଷୟ ଉପରେ ପାଞ୍ଚ ଶହରୁ ଅଧିକ ବକ୍ତୃତା ଦେଇଛନ୍ତି । ସାହିତ୍ୟରେ ରୁଚି ରଖନ୍ତି । କେବେ କେବେ କବିତା ଲେଖନ୍ତି । ସାମାଜିକ ସେବାରେ ବ୍ରତୀ । ଓଡ଼ିଶାର ଝାରସୁଗୁଡ଼ାରେ ରହନ୍ତି ।

ꝏꝏ

# କାନଫୁଙ୍କା ଚୌପଦୀ ...

**ଅଜୟ କୁମାର ମିଶ୍ର**

ବାଇମନ ଧଅ କାନଫୁଙ୍କାକୁ
ଲୋଡ଼ା ପଡ଼ିବନି ଆଉ କାହାକୁ ।
ଟିପ ଟଚି ଟଚି ନାନା ଦୃଶ ଦେଖି
ଶିଖିକି ନ ଶିଖା ଆନ ଯାହାକୁ । ୦

କାଣ୍ଡଜ୍ଞାନହୀନା କାଣ୍ଡେଇ ନବୀନା
ଅଳପ-ବସନା ବିସ୍ତର ବାସନା
ଭେଳିକିରେ ଚଲା ମନ-ନାଆକୁ ।୧

ଚୁପୁଚୁପା କଲ୍ କରେ କଲବଲ୍
ଚଙ୍ଗ ଚଙ୍ଗ ଢଙ୍ଗେ ମନ ରଙ୍ଗାରଙ୍ଗେ
ହାର୍ଟରେ ଗୁପତେ ରଖେ ତାହାକୁ । ୨

ଫେସବୁକିଆଣୀ ହ୍ୱାଟ୍ସ୍‌ପିଆଣୀ
ପୀରତି ପାଣିରେ ପହଁର ଉଜାଣି
ଶୋଷ ଚରିଯିବ ସାରା କାୟାକୁ । ୩

ଛୋଟ ପରବତ ଲଙ୍ଘଇ କେମନ୍ତ
ହାତେ ଥିଲେ ଏଇ ହ୍ୟାଣ୍ଡଫୋନ୍ ସେଟ
ଭଣେ ଶାଳକାର ହେଇଣ ଆତୁର
ଏ ଖଣ୍ଡକ ଥିଲେ ଭୟ କାହାକୁ । ୪

ମଧୁଜାଲେ ପଡ଼ି ଆତୁର ହୋଇ
ଓଟିପି ନମ୍ବର ଦେବୁ ବତାଇ
ପଲକରେ ଯେବେ ଖୋଳ ହୋଇଯିବୁ
ନିଜ ଛଡ଼ା ଦୋଷ ଦେବୁ କାହାକୁ ।୫

୦୦

# କଟସର୍ଟ ବବକେଶା

## ଅଜୟ କୁମାର ମିଶ୍ର

ଅନା ଥରେ ଅନା
ବିଡିଓବିଳାସିଣୀ ମମ୍ ରୋଲରଗମନା,
ଆଗୋ ୱାର୍ଡ଼ମେମ୍ବରାଣୀ
ବ୍ଲକ୍ ଅଫିସ୍‌ରେ ତମ ଅଦ୍ଭୁତ କାରେଣୀ । -୧

ଗାଁ ଇସ୍କୁଲ୍ ଆଡ଼ରେ ଗତାଗତ ଡେଲି
ତୁଣ୍ଡେ ହିସାବିଚ କେତେ ଚାଉଳ ଓ ଡାଲି,
ମାଷ୍ଟ୍ର-ଦିଦି ଧମକାଇ ସନ୍ତୋଷ୍ଟ ହେଉଚ
ମାମ୍ ଆଗୋ ଅଣ୍ଡାଖାଇ ।-୨

ତହସିଲ୍ ଅଫିସ୍‌ରେ କାଟତି ଅମାପ
ମ୍ୟୁଟେସନ୍ କାମେ ବଦଳାଅ ମାଆ ବାପ
କେତେମନ୍ତେ ଖେଳିଚାଲ
ଘଡ଼ିକେ ହାଲ୍ ଖାତାକୁ କରହେ ବେହାଲ୍ ।-୩

ତମ ଠମକ ଠାଣିରେ ଓକିଲ ପୁଲିସ୍
ଚୁଣ୍ଟା ଦେଇ ତୁଣ୍ଡେ ସିନା ହେଲେ ତମ ବଶ
ଗୋରୁ ମାରି ଜୋତା ଦାନ
ଶାଳକାର ବାହୁନଇ ବୁଜି ଆଖି କାନ ।- ୪

ଠଠ
(କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର "ଷ" ଗୀତ ଶୈଳୀ ଓ ସ୍ୱରରେ .. ବବକେଶା.. ଚୌପଦୀ)

# ଏକ୍ଜାମ୍ ପଞ୍ଚପଦୀ

**ଅଜୟ କୁମାର ମିଶ୍ର**

ଛୋଟ ମୋର ଲେଖାଟି
ଅନ୍ତର୍ବାସ ସନ୍ଧିରେ ଥାଏ
ନ ପା'ନ୍ତି ତା ଦେଖାଟି । -୦
ମାଇକ୍ରୋଜେରକ୍ସ ହାତର ଟିପା
ଟ୍ରେନିଂ ମତେ ଦେଲେ ମୋ ବାପା
ମନରେ ଭରେ ନୂଆ ଭରସା
ସାଆର୍ ଦିଦି ବୋକାଟି ।-୧
କେବେ ଥାଏ ମୋଜା ଭିତରେ
କେବେ ବା ଥାଏ ଫ୍ରଅକ୍ ତଳେ
ପେଣ୍ଟାକୁ ପେଣ୍ଟା ସଟ୍ ଆନସର୍
ସବୁ ତହିଁରେ ଯୋଖାଟି ।-୨
ସେଣ୍ଟ୍ରାଲ୍ ସ୍କ୍ୱାର୍ଡ଼ ଏଣ୍ଟ୍ରି ବେଳରେ
କିଛି ଲେଟରେ ଗେଏଟ୍ ଖୋଲେ
ହଲ୍ ପ୍ରବେଶ କଲା ବେଳକୁ
ସବୁ ତ ଥାଏ ସଫାଟି । -୩
ମାଷ୍ଟ୍ର ମାଷ୍ଟ୍ରାଣୀ ହଅଲେ ଥାଇ
କିଛି ଦେଖିଲେ ଦେଖନ୍ତି ନାଇଁ
ମିଳିତ କାର୍ଯ୍ୟେ ସଭିଏଁ ସିନା
ନିଜ ନିଜର ସଖାଟି ।-୪
ଏବ ଏକ୍ଜାମ୍ ହାଲତ୍ ଦେଖି
ବେହାଲ୍ ଦେହ ଶୁଖଇ ତଣ୍ଟି
ମୋ ଇସ୍କୁଲ୍ ମହାନ୍ ସିନା
ଶାଳକାର ଯେ ବୋକାଟି ।-୫
ଂଂ

(ପ୍ରଖ୍ୟାତ କବି ସଚ୍ଚି ରାଉତରାୟଙ୍କ ଅତି ଲୋକପ୍ରିୟ ଜଣାଶୁଣା କବିତା ଛୋଟ ମୋର ଗାଆଁଟି – ଶୈଳୀରେ)

# ବେଟି ବୁଝାଣ ଚଉପଦୀ

**ଅଜୟ କୁମାର ମିଶ୍ର**

ବୁଝାଇ ଆମେ ଯେତେ ବୋଇଲୁ ଲୋ
ବୁଝିଲୁ ନାଇଁ ବେଟି ପହିଲୁ ଲୋ
ୟାସିକ ସାଥେ ରସି
ବାଇକ ପଛେ ବସି
ଡେଲି ହୋଟେଲେ
ଯାଇ ରହିଲୁ ଲୋ -୦
ଚଢ଼ାଉରେ ପୁଲିସ୍
ୟାସିକ ଗଲା ଖସି
ଲେଡିପୁଲିସ୍ ଫାଶେ ପଇଲୁ ଲୋ -୧
ମାମୁଘରକୁ ଯାଇ
ଗହମ ନିଦେ ଶୋଇ
କାନଫୁଙ୍କାରେ କେତେ ରଡ଼ିଲୁ ଲୋ -୩
ଜାଣିଚୁ ତୋ ଚାତୁରୀ
ନିଶ୍ଚେ ଆସିବୁ ଫେରି
ଡାଡ୍ ମମ୍ ଗୁପ୍ତେ ଗାଇଲୁ ଲୋ -୪

ଠଠ

**ଡକ୍ଟର ଅଜୟ କୁମାର ମିଶ୍ର**, ପିଏଚ୍.ଡି, ଡି. ଲିଟ୍., ଉତ୍କଳ ବିଶ୍ୱବିଦ୍ୟାଳୟ । ୩୭ ବର୍ଷ ଧରି ଓଡ଼ିଆଭାଷା ସାହିତ୍ୟ ଅଧ୍ୟାପନା । ତାଙ୍କ ତତ୍ତ୍ୱାବଧାନରେ ୫ଜଣ ପିଏଚ୍.ଡି ଡିଗ୍ରୀ ପ୍ରାପ୍ତ । ଅଦ୍ୟାବଧି ୬୯ଗୋଟି ପୁସ୍ତକ ଓ ଚାରିଗୋଟି ଅଭିଧାନ ପ୍ରକାଶିତ । କେତେକ ପୁସ୍ତକ ୨୦ରୁ ଊର୍ଦ୍ଧ୍ୱ ଥର ସଂସ୍କରଣ । ଏବେ ଓଡ଼ିଶାର ଅବଲୁପ୍ତପ୍ରାୟ ପାରମ୍ପରିକ ଗଡ଼ଣକୁ ନିଜ ହାତରେ ଗଢ଼ି ନିଜ ଉଦ୍ୟମରେ ଏକ କ୍ଷୁଦ୍ର ସଂଗ୍ରହାଳୟ କରି ଏସବୁର ସଂରକ୍ଷଣ କରୁଛନ୍ତି । ଏସବୁକୁ ନେଇ କର୍ମଶାଳା ଆୟୋଜନ ଓ ଅତୀତ ଲୋକସଂସ୍କୃତି ପାଇଁ ସଚେତନତା ସୃଷ୍ଟି କରନ୍ତି । ଏହା ଛଡ଼ା ଓଡ଼ିଆ ଲୋକସଂସ୍କୃତି ଉପରେ ଗବେଷଣା ଓ ଏସବୁକୁ ବିଭିନ୍ନ ମଞ୍ଚରେ ଉପସ୍ଥାପନା କରି ଆସୁଛନ୍ତି । ମଧୁପାଟଣା, କଟକରେ ରହନ୍ତି ।

ଠଠ

# ନିଆଁ



**ବୀଣାପାଣି ଦେବତା**

ନିଆଁ ପ୍ରସରିଯାଇଛି ରକ୍ତସ୍ରୋତରେ,
ହୃଦୟରେ, ମେଧାରେ
ନିଆଁ ସାମିଲ ହୋଇଛି ଜୀବନରେ
ଧୂପଝୁଣା ହୋଇ
ମହମବତୀର ପ୍ରତିବାଦ ହୋଇ ।
ନିଆଁ ସ୍ତାବକତା କରିନି କେବେ କାହାର
ଯେଉଁଥିପାଇଁ ଓହ୍ଲାଇଆସେ କାହାକାହା ପାଇଁ
ଗାଢ଼ ନୀରବତାର ରାତି ।
ସବୁବେଳେ ତୁମ ସାଥିରେ
ମୃଦୁମୃଦୁ ଚାଲୁଥିବା ଏଇ ସାଥି ବାଟ
ଏକା ଏକା ଜଳୁଥିବା ମଶାଲ
ସବୁଠି ତୁମ ସାଥିରେ
ନିଆଁର ନୀରବତା
ନିଆଁର କୁହାଟ ।

୦୦

# ନିଆଁର ଜନ୍ମ

ବୀଣାପାଣି ଦେବତା

ନିଆଁ ଲାଗିବାକୁ ଦିଅନାହିଁ
କେଉଁଠି ବି ଫୁଲକାଏ ଦେଖିଲେ ଲିଭାଅ ତାକୁ
ପାପୁଲିରେ ପାଣିରେ ପଣତରେ
ଟିକିଏ କଷ୍ଟ ହେବ କିଛି ସମୟ
କିଂତୁ ସେ କିଛି ନୁହେଁ
କାହାଣୀ ସରିଯିବ ମୁହେଁ ମୁହେଁ ।
ନିଆଁ ଭାରି ବିପଦଜନକ
କହୁଛି ମୋର ଅନୁଭବ
ଯଦି ପବନ ଜାଣିଦେବ
ଛୋଟ ଝୁଲଟିଏ ବି ସ୍ଫୁଲିଂଗ ।
ଏମିତିରେ ମୁଁ ଡରିକି ଅଛି
କିଛି ପତ୍ର ଓ ରଂଗୀନ ପରରେ ଘର କରିଛି ।
ନିଆଁ ଲାଗିଲେ ଦୋଷ ଦେବି
ଦହନଶୀଳ ଗଛ ଓ ପକ୍ଷୀର ।
ଏତେ ସତର୍କତା ସତ୍ତ୍ୱେ
ନିଆଁ ଲାଗିଯାଏ ନିଦ ଭିତରେ
ଭରପୂର ଶୀତରାତିରେ ।
ସବୁଆଡ଼ ଏତେ ପରିଚ୍ଛନ୍ନ
ଦାୟିତ୍ୱବାନ ଚୌକାଠମାନ
କିଏ ଜାଣେ କେମିତି
ଲୁଚିଥାଏ ଏମିତି ଚକମକି
ଆମେ ତେଣୁ ଖୋଲା ରଖିବା ଆଖି କାନ ମନ
ଖୁବ ନିରୀହ ଦିଶୁଥିବା
ଆମ ପାଖାପାଖି ପାପୁଲିରୁ ବି
ହୋଇପାରେ ନିଆଁର ଜନ୍ମ ।
୦୦

# ଶବ୍ଦ ଉଠାଅ ଶବ୍ଦ ଉଠାଅ

ସୃଜନ
SRUJAN
The Creativity Journal

ବୀଣାପାଣି ଦେବତା

ଶବ୍ଦ ଉଠାଅ ଶବ୍ଦ ଉଠାଅ
ଆଂଗୁଳିରେ ପାପୁଲିରେ ଆଲିଂଗନରେ ପଦ୍ମକୋଷରେ
ଶବ୍ଦ ତୁମର ତ୍ରାଣ, ଶିରସ୍ତ୍ରାଣ
ଶବ୍ଦରେ ତୁମର ଅପମାନ ହୁଏ
ଯଦି ଶବ୍ଦ ତୁମର ସ୍ୱାଭିମାନ ।
ଶବ୍ଦ ବହେ ଭାର ପାହାଡ଼ର
ହେଲେ ଅଂଗୁଳିର ଅପେକ୍ଷାରେ ଥାଏ
ଶବ୍ଦ ଉଠାଇ ନପାରିଲେ
ଚାପ ଓ ତାପରେ ଯାହା ବିସ୍ଫୋରିତ ହୁଏ
ତାହା ତୁମର ହୃଦୟ ।
ଶବ୍ଦ ପାଇଁ ସଜାଇ ରଖ ଘର, କାଂଥ ଭଳି ଚିତ୍ର ରାଗମାଳା
ଝୋଟିଚିତା ପୁଚ୍ଛମେଲା ମୟୂର
ସବୁ ଋତୁରେ ପ୍ରସ୍ତୁତ କଦଳୀଗଛ ।
ହୃଦୟ ପଛରେ ମୃଦଂଗ ବଜାଇ ଡେଉଁଥାଏ
ବୁଢ଼ାଦାଦା ପରି ଶବ୍ଦ ।
ପ୍ରତିବର୍ଷାରେ ଓଦା ହେଉଥାଏ ସପ୍ତମ ଶ୍ରେଣୀର ରଫ୍‌ଖାତା
କାଗଜଡଂଗା ବାହି ଶବ୍ଦମାନେ କୁଆଡ଼େ ଯାଅ ।
ମୁଁ ଆଉ ଭସାଇପାରୁନି କାଗଜଡଂଗା
ଡୁବିଲା ମୋର ନଗ୍ର ମହାନଗ୍ର ।
ବ୍ୟର୍ଥ ହେବାକୁ ସବୁ ପ୍ରସ୍ତୁତି ସାରି
ତୋଳିଧର ଶବ୍ଦର ଦର୍ପଣ
ଜାଣିଅଂଧଂକୁ ଦିଶିବ ନାହିଁ କିଛି
ତଥାପି ଧୂଳି ଧୂଆଁ ଅସିହା ମସିହା ଝାଡ଼ ।
ଦିଅ, ତୁମକୁ ଶୁଭେ ନାହିଁ ନୀରବତାର ରାଗମାଳା
ନିଅ, ମୋର ଚିତ୍କାର ଝଡ଼ ପବନ ରାତିରେ ।

ଖବର ଖବର ଖବରର ଜତୁଗୃହରେ
ମୁଁ ଖବର ଜାଣିବାକୁ ଚାହେଁ
କେମିତି ଅଛି ଧର୍ଷିତାର ଅଭିଯୋଗର ଶବ୍ଦମାନ
ଧର୍ଷଣକାରୀର ଚକାତଳେ ନେସିଯିବା ପରେ ।
ପାଣି ପାଇଁ ମାଇଲ ମାଇଲ ମାନବ ବଂଧନ ଭିତରେ
ତୃଷାର୍ତ୍ତ ଶିଶୁ ଖେଳ ନୁହେଁ ଶୋଷ ପାଇଁ
ବାଲିର ଚୁଆ ଖୋଳୁଥିବା ବେଳେ
ତୁମେ ଶବ୍ଦକୁ ଉଦ୍ଧରି ଧର
ଦରବାରରେ ନଈର ଜିଭର ଶେଷ ବୁଂଦାକ ଅମୃତ
ପାହାଡ଼ ଛାତିର ଶେଷ ପଥର ଖବରରେ ନାହିଁ ।
ଶବ୍ଦରେ ଫୋଡ଼ି ରଡ଼ ନିଆଁରେ
ମୁଁ ବସେଇଦିଏ ଚିତ୍କାର ।

ꣳꣳ

**ଡ. ବୀଣାପାଣି ଦେବତା**, କୋଲକାତା, ସମ୍ବଲପୁର, ଜ୍ୟୋତିବିହାରରୁ ଏମ.ଏ ଓ ଏମ.ଫିଲ୍, ବିଶ୍ୱଭାରତୀରୁ ପିଏଚ୍. ଡି., ୧୯୯୦ରୁ ଓଡିଶାର ସ୍ୱନାମଧନ୍ୟ ପତ୍ରପତ୍ରିକାରେ ଲେଖି ଆସୁଛଂତି । ଏଯାବତ ସାତଟି ପୁସ୍ତକ ପ୍ରକାଶିତ । କବିତା ସଂକଳନ: ବୀଜବପନ, ନଦୀତମା, ଡାଏରୀ ଅଂତହୀନ ଶାଂତିନିକେତନ; ପ୍ରବଂଧ ସଂକଳନ: ମହାକବିର ଅଂଗୀକାର ଓ ଅନ୍ୟାନ୍ୟ ପ୍ରବଂଧ, ଲୋକସାହିତ୍ୟ ସପକ୍ଷରେ, ବଂଗଳା ଭଷାରେ ଅନୂଦିତ ହୋଇ ପ୍ରକାଶ ପାଇଛି: ବାଁଚୋ ନଦୀର ମତୋ ବାଁଚୋ, କବିତା ସଂକଳନ ଓ ପ୍ରବଂଧ ସଂକଳନ ଓଡିଆ ଓ ବାଂଲା ଲୋକଗୀତି । ସମ୍ମାନ: ବିଦ୍ୟାପୁରୀ କବିତା ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ଶ୍ରେଷ୍ଠ ଲେଖକ ପୁରସ୍କାର ସପ୍ତର୍ଷି ଇତ୍ୟାଦି ।

ꣳꣳ

# Colours of the sky

Pipasha Biswas



On the banks of river the Thames, Marlow Feb 2023 …

∞∞

**Dr. Pipasha Biswas** MD DM FFPM MRQA, is a Pharmacovigilance / Pharmacoepidemiologist Physician in the UK that involves safety of medicines for the last 26 years working in large pharmaceutical companies such as Pfizer, GSK and Amgen in the USA. Besides her work as a pharmaceutical physician, she is a keen amateur nature photographer, dabbles in tatting making laces and slow stiching and embroidery work and has just completed her Diploma in Natural and Organic Skincare Formulation and her natural and organic skincare products are used by NHS physicians, Pharmaceutical physicians and bankers.

∞∞


Bath from the top of Red Bus ……



Marlow after a very hot evening when the sky was fiery red



This picture was taken whilst coming back from Cardiff with the huge windmills in the background. Colour of the sky was awesome pink, purple, violet, mauve and many more.

# କଲୁରୀବେଣ୍ଟ ଓ କୁଆ ଛୁଆ

## ଓଡ଼ିଆ ଲୋକକଥା, ପୁନଃ ଉପସ୍ଥାପନା - ହରିଶ୍ ଚନ୍ଦ୍ର କର

ସବୁଦିନ ପରି ସେଦିନ ମଧ୍ୟ ସକାଳ ହେଲା । କିନ୍ତୁ କିଏ ଜାଣିଥିଲା ଯେ କୁଆ ଛୁଆଟି ତା ଶେଯରୁ ଉଠିଲା ବେଳକୁ ତାର ବାପା'ମା ଉଡ଼ିଯାଇଥିବେ । ପେଟ ଅଣ୍ଡାଳିବାରୁ ତାକୁ ଲାଗିଲା ଭୋକ ହେଲାଣି । ପ୍ରଥମ ଥର ପାଇଁ ତାକୁ ନିଜର ଆହାର ଖୋଜିବାକୁ ପଡ଼ିବ ।

ଖଣ୍ଡିଉଡ଼ା ଦେଇ ସେ ଏ ଡାଳ ସେ ଡାଳ ହେଉଁ ହେଉଁ ଶେଷରେ ଗୋଟିଏ ମଞ୍ଚା ଉପରେ ବସିଲା । କଲରା ଲତାଟିଏ ଡାଳପତ୍ର ମେଲି ମଞ୍ଚାଟି ଉପରେ ମାଡ଼ି ଯାଇଛି । କେତେ କଞ୍ଚା କଲରା ତଳକୁ ଝୁଲୁଛି । ମାତ୍ର ମଞ୍ଚା କଣକୁ, ଗୋଟିଏ କଲରା ପାଚି ହଳଦୀ ଗରଗର ହୋଇ ଝୁଲୁଛି । କୁଆ ଛୁଆ ଭାବିଲା ଏଇଟିକୁ ଖାଇଲେ ଭଲ ହେବ । ଏହା ଭାବି ତାର ଥଣ୍ଟ ବଢ଼ାଇଲା ବେଳକୁ କଲୁରୀବେଣ୍ଟ କହିଲା, "ନା, ନା, ତୁ ମୋତେ ଖାଇ ପାରିବୁ ନାହିଁ ।"

କୁଆ ଛୁଆ କହିଲା, "କାହିଁକି, ମୋତେ ତ ବହୁତ ଭୋକ ହେଉଛି ।"

କଲୁରୀବେଣ୍ଟ କହିଲା, "ତୁ ସକାଳୁ ଉଠି, ତୋ ମୁହଁ ଧୋଇନାହୁଁ କି ଥଣ୍ଟ ବି ଧୋଇ ନାହୁଁ । ତୁ କ'ଣ ଜାଣୁନା ଯେ ଅଧୁଆ ମୁହଁରେ କିଛି ଖାଇବା ମନା ?"

କୁଆ ଛୁଆ କହିଲା, "ମୁଁ ତ ଏପର୍ଯ୍ୟନ୍ତ କେବେ ହେଲେ ମୁହଁ ଧୋଇନାହିଁ କି ଧୋଇବା କଥା ମୋତେ ଜଣାନାହିଁ । ତା ହେଲେ ତୋତେ ଖାଇବାକୁ ହେଲେ ମୁଁ କ'ଣ କରିବି ?"

କଲୁରୀବେଣ୍ଟ କହିଲା, "ତୁ ଯା, ଆଗ କୂଅ ପାଣିରେ ଥଣ୍ଟ ମୁହଁ ଧୋଇ ଆସିବୁ, ତାପରେ ମୋତେ ଖାଇବୁ ।"

କଲୁରୀ କଥା ଶୁଣି କୁଆ ଛୁଆ ଗୋଟିଏ କୂଅ ଖୋଜିବାକୁ ଉଡ଼ିଗଲା । କିଛି ବାଟ ଗଲା ପରେ ବଣରେ ଗୋଟିଏ କୂଅ ଦେଖିଲା । ତା ନନ୍ଦ ଉପରେ ବସି କୁଆ ଛୁଆ କହିଲା,
"ଦେ କୂଅ, ଦେ ପାଣି,
କଲୁରୀ କହିଛି ଧୋଇବି ଥଣ୍ଟ,
ଧାଇଁ ଧାଇଁ ଖାଇବି କଲୁରୀବେଣ୍ଟ ।"

ତା କଥା ଶୁଣି କୂଅ କହିଲା, "ତୁ ଜାଣି ନାହୁଁ, କଳସରେ ପାଣି କାଢ଼ିବାକୁ ହୁଏ ! ଦେଖୁନୁ କେତେ ଗଭୀରରେ ମୋ ପାଣି ଅଛି । ତୁ ଯା' ଗୋଟିଏ କୁମ୍ଭାର ପାଖକୁ । ତାକୁ କହି, ଗୋଟେ କଳସ ଆଣି, ପାଣି କାଢ଼ି ମୁହଁ ଧୋଇବୁ ।"

କୁଆ ଛୁଆ କ'ଣ କରିବ । ପୁଣି ଉଡ଼ି ଉଡ଼ି କୁମ୍ଭାର ଘରଟିଏ ଖୋଜିବାକୁ ବାହାରିଲା । କିଛି ବାଟ ଗଲା ପରେ ଗୋଟିଏ ଗାଁ ପଡ଼ିଲା । ସେ ଗାଁର ମୁଣ୍ଡରେ ଗୋଟିଏ କୁମ୍ଭାର ଘର । ତା ଚାଳ ଉପରେ ବସି କୁମ୍ଭାରକୁ ଦେଖି କହିଲା,
"ଦେ, କୁମ୍ଭାର କଳସ ଗୋଟି,
କାଢ଼ିବି ପାଣି ଧୋଇବି ଥଣ୍ଟ
ଧାଇଁ ଧାଇଁ ଖାଇବି କଲୁରୀବେଣ୍ଟ ।"

କୁଆ ଛୁଆ କଥା ଶୁଣି କୁମ୍ଭାର ବୁଢ଼ା କହିଲା, "ମୋର ତ କଳସ ଗଢ଼ିବା ପାଇଁ ମାଟି ନାହିଁ । ତୁ କିଛି ମାଟି ଆଣିବୁ ଯା, ସେଥିରେ ମୁଁ କଳସ ଗଢ଼ିଦେବି ।"

କୁଆ ଛୁଆ ବଡ଼ ଅଡୁଆରେ ପଡ଼ିଲା । ମାଟି କେଉଁଠୁ ପାଇବ ବୋଲି ଭାବି ଭାବି ସେ ଗୋଟିଏ ହିଡ଼ ଉପରକୁ ଉଠିଗଲା ଓ ହିଡ଼କୁ କହିଲା,
"ଦେ ହିଡ଼, ଦେ ମାଟି,
କୁମ୍ଭାର ଗଢ଼ିବ କଳସ ଗୋଟି,
କାଢ଼ିବି ପାଣି, ଧୋଇବି ଥଣ୍ଟ,
ଧାଇଁ ଧାଇଁ ଖାଇବି କଲୁରୀବେଣ୍ଟ ।"

କୁଆ ଛୁଆର କଥା ଶୁଣି ହିଡ଼ର ମନ ସହାନୁଭୂତିରେ ଭରିଗଲା ଓ କହିଲା, "ଆରେ ମୋର ତ ହାତ ଗୋଡ଼ ନାହିଁ, ମୁଁ କେମିତି ମାଟି ଖୋଳିବି ? ତୁ ଯା' ଗୋଟିଏ ଗାଈଠାରୁ ଗୋଟିଏ ଶିଙ୍ଗ ଆଣିବୁ ଓ ସେଥିରେ ମାଟି ଖୋଳି ନେବୁ । ହିଡ଼ କଥା ଶୁଣି କୁଆ ଛୁଆ ମନରେ ପୁଣି ହତାଶା । ହେଲେ କ'ଣ କରିବ ! ପୁଣି ଆଗକୁ ଉଡ଼ିଲା, ଗୋଟିଏ ଗାଈ ସନ୍ଧାନରେ । ବାଟରେ ଗାଈଟିଏ ଦେଖିଲାରୁ ତାକୁ କହିଲା,
"ଦେ ଗାଈ, ଦେ ଶିଙ୍ଗ,
ଶିଙ୍ଗରେ ଖୋଳିବି ହିଡ଼ରୁ ମାଟି,
କୁମ୍ଭାର ଗଢ଼ିବ କଳସ ଗୋଟି,
କାଢ଼ିବି ପାଣି, ଧୋଇବି ଥଣ୍ଟ,
ଧାଇଁ ଧାଇଁ ଖାଇବି କଲୁରୀବେଣ୍ଟ ।"

ଗାଈ ତାକୁ କହିଲା, "ଆରେ, ମୋତେ ଘାସ ନଦେଲେ ମୁଁ ଶିଙ୍ଗ ଦେବିନାହିଁ । ଗାଈ କଥା ଶୁଣି ପୁଣି କୁଆ ଛୁଆ ଚିନ୍ତାରେ ପଡ଼ିଗଲା । ଗାଈ ପାଇଁ ଘାସ କେଉଁଠୁ ଆଣିବ ? ଦେଖିଲା, ଆଗରେ ଘାସ ପଡ଼ିଆରେ ଘାସ ଭରି ରହିଛି । ସେଠୁ ପଡ଼ିଆକୁ ଯାଇ କହିଲା,

"ଦେ ପଡ଼ିଆ, ଦେ ଘାସ,
ଖାଇବ ଗାଈ, ଦେବ ଶିଙ୍ଗ,
ଶିଙ୍ଗରେ ଖୋଳିବି ହିଡ଼ରୁ ମାଟି,
କୁମ୍ଭାର ଗଢ଼ିବ କଳସ ଗୋଟି,
କାଢ଼ିବି ପାଣି, ଧୋଇବି ଥଣ୍ଟ,
ଧାଇଁ ଧାଇଁ ଖାଇବି କଲୁରୀବେଣ୍ଟ ।"

କୁଆ ଛୁଆ ଗୀତରେ ପଡ଼ିଆ ମନରେ ବି ଦୟା ହେଲା । ସେ ତାକୁ କହିଲା, " ତୁ ଯା, ଗୋଟେ ଦାଆ ଆଣିବୁ । ଯେତେ ଇଚ୍ଛା ସେତେ ଘାସ କାଟି ନେବୁ ।"

କୁଆ ଛୁଆ କହିଲା, "ମୁଁ ଦାଆ କେଉଁଠୁ ପାଇବି ?"

ପଡ଼ିଆ କହିଲା, "ଏଇ ପାଖରେ ଯେଉଁ ଗାଁ'ଟି ଦେଖା ଯାଉଛି ସେ ଗାଁର ଶେଷ ମୁଣ୍ଡରେ ଗୋଟିଏ କମାର ଶାଳ ପକାଇଛି । ଯା, ତା ପାଖରୁ ଦାଆ ମିଳିବ ।"

କୁଆ ଛୁଆ ସେତେବେଳକୁ ଭୋକରେ ଆଉଟୁ ପାଉଟୁ ହେଲାଣି । ହେଲେ ସେ ସାହସ ନ ହରାଇ ସେଇ ଗାଁକୁ ଉଡ଼ିଯାଇ କମାର ଘର ପିଢ଼ା ଉପରେ ବସିଲା ଓ ବଡ଼ କାକୁତି ମିନତି କରି କହିଲା,

"ଦେ କମାର, ଦେ ଦାଆ,
ଦାଆରେ କାଟିବି ଘାସ ପଡ଼ିଆ,
ଖାଇବ ଗାଈ, ଦେବ ଶିଙ୍ଗ,
ଶିଙ୍ଗରେ ଖୋଳିବି ହିଡ଼ରୁ ମାଟି,
କୁମ୍ଭାର ଗଢ଼ିବ କଳସ ଗୋଟି,
କାଢ଼ିବି ପାଣି, ଧୋଇବି ଥଣ୍ଟ
ଧାଇଁ ଧାଇଁ ଖାଇବି କଲୁରୀବେଣ୍ଟ ।"

କୁଆ ଛୁଆର କଥା ଶୁଣି କମାର କହିଲା, "ଦେଖୁନୁ କେମିତି ଝିପିଝିପି ବର୍ଷା ଲାଗି ରହିଛି । ମୋ ଶାଳ ପାଇଁ ନିଆଁ ନାହିଁ । ତୁ ଯାଇ କେଉଁଠୁ ନିଆଁ ଆଣ, ମୁଁ ତୋତେ ଗୋଟିଏ ଦାଆ ଦେବି ।"

କୁଆ ଛୁଆ ମୁଣ୍ଡରେ ବଜ୍ର ପଡ଼ିଲା ଭଳି ଲାଗିଲା । ନିଆଁ କେଉଁଠୁ ଆଣିବ । ନିଆଁ ଆଣିଲେ ତା କଅଁଳ ଡେଣା ଦୁଇଟି ପୋଡ଼ିଯିବ ନାହିଁ ତ ? ତାର ନିରାଶ ମୁହଁ ଦେଖି କମାର ତାକୁ କହିଲା, "ଏଥିପାଇଁ ତୋର ଏତେ ଚିନ୍ତା ! ତୁ ତ' ବଣ ପାହାଡ଼ରେ ଉଡୁଥିବୁ । ଝକମକି ପଥରଟିଏ ଖୋଜି ଆଣ । ମୁଁ ନିଆଁ କରି ଶାଳ ଲଗାଇବି ।"

କମାର କଥାରେ କୁଆ ଛୁଆ ମନରେ ବଳ ଆସିଲା । ନିକଟ ପାହାଡ଼କୁ ଉଡ଼ିଯାଇ, ସେ ଖଣ୍ଡେ ଝକମକି ପଥର ଆଣି କମାରକୁ ଦେଲା । କମାର ଖୁସି ହେଇ, ତାକୁ ଗୋଟିଏ ଦାଆ ଦେଲା ।

କୁଆ ଛୁଆ ପଡ଼ିଆରୁ ଘାସ କାଟି ଗାଈକୁ ଦେଲା । ଗାଈ ଶିଙ୍ଗ ଦେଲା । ଶିଙ୍ଗରେ ହିଡ଼ରୁ ମାଟି ଖୋଳିଆଣି କୁମ୍ଭାରକୁ ଦେଲା । କୁମ୍ଭାର ତାକୁ ଗୋଟିଏ କଳସ ଦେଲା । ସେଇ କଳସରେ କୂଅରୁ ପାଣି କାଢ଼ି ମୁହଁ ଅଣ୍ଟ ଧୋଇ କଲୁରୀବେଣ୍ଟ ପାଖରେ ପହଞ୍ଚି ତାର ସବୁ ଅନୁଭୂତି କହିଲା ।

କୁଆ ଛୁଆର କଥା ଶୁଣି କଲୁରୀବେଣ୍ଟ କହିଲା, "ଏବେ ତୁ ମୋତେ ଖା ।"

ମନଖୁସିରେ କୁଆ ଛୁଆ ଲାଲ ଟହ ଟହ କଲୁରୀବେଣ୍ଟ ଖାଇ ସାରିବା ବେଳକୁ, ମୁହଁ ସଞ୍ଜ ହେବାକୁ ଅଳ୍ପ ବାକି ଥାଏ ।

ସେ ଗାଁ'ର କେତେକ ପିଲା ଚାଟଶାଳୀରୁ ଫେରୁ ଫେରୁ ଗାଉଥିଲେ,
"ଚରା ସାରି ପକ୍ଷୀ ଆକାଶେ ଉଡ଼ି
ବସାକୁ ଆନନ୍ଦେ ଗଲେ ବାହୁଡ଼ି"

ତାଙ୍କ ଗୀତ ଶୁଣି କୁଆ ଛୁଆର ବସାକୁ ଫେରିବା କଥା ମନେପଡିଲା ଓ ଖୁସିରେ ନିଜ ବସାକୁ ଉଡ଼ିଗଲା ।

ପିଲାଏ ଦେଖିଲ ତ, କୃତକାର୍ଯ୍ୟ ହେବାକୁ କେତେ ବାଧାବିଘ୍ନ ସାମ୍ନା କରିବାକୁ ହୁଏ ।

ଲୋକ କଥାଟି ଏଇଠି ସରେ ନାହିଁ । ତା ପଛକୁ ଆଉ ଏକ ଛୋଟ ଆଖ୍ୟାନ ଯୋଡ଼ି ହୋଇଯାଏ ।

"ମୋ କଥାଟି ସରିଲା, ଫୁଲଗଛଟି ମଲା"

"କାହିଁକିରେ ଫୁଲଗଛ ମଲୁ ?"

"ନାଁ, ମୋତେ ବଡ଼ ବୋହୁ ପାଣି ଦେଲାନି ।"

"କାହିଁକିରେ ବଡ଼ବୋହୁ ପାଣି ଦେଲୁନି ?"

"ନାଁ, ମୋ ପୁଅ କାନ୍ଦିଲା ."

"କାହିଁକିରେ ପୁଅ କାନ୍ଦିଲୁ ?"

"ନାଁ, ମୋତେ ଜନ୍ଦା କାମୁଡ଼ିଲା"

"କାହିଁକିରେ ଜନ୍ଦା କାମୁଡ଼ିଲୁ ?"

"ନାଁ, ମୁଁ ଭୂଇଁ ତଳେ ତଳେ ଥାଏ
ଯେଉଁଠି ଦେଖେ କଅଁଳ ମାଉଁସ,
ସେଉଠୁ ପୁଳାଏ ଖାଏ !"

ଠଠ

**ହରିଶ ଚନ୍ଦ୍ର କର ।** ଗାଁ ଚାଟଶାଳୀରୁ ପଢ଼ା ଆରମ୍ଭ କରି କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି (ସମ୍ମାନ) ସ୍ନାତକ । ସ୍କୁଲରେ ଶିକ୍ଷକତା, ଓଡିଶା ସଚିବାଳୟର ଆଦିବାସୀ କଲ୍ୟାଣ ବିଭାଗ ଓ ଗୋଷ୍ଠୀ ଉନ୍ନୟନ ବିଭାଗରେ ଚାକିରି ପରେ, ଯୋଜନା ଓ ସମନ୍ୱୟ ବିଭାଗର ଅର୍ଥନୀତି ଓ ପରିସଂଖ୍ୟାନ ସଂସ୍ଥାରୁ ସହକାରୀ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ । ସାହିତ୍ୟରେ ଆନନ୍ଦ, ଅନେକ କବିତା ଓ ପ୍ରବନ୍ଧର ଲେଖକ, କବିତା ପାଠୋତ୍ସବର ଆୟୋଜକ । ପ୍ରକାଶିତ ପୁସ୍ତକ: 'ସ୍ମୃତି ବିଚିତ୍ରା' ଓ 'ଜୀବନ ଜିଜ୍ଞାସା · ଏକ ଆତ୍ମଲିପି' । ସମାଜ ସେବା ଓ ସଂସ୍କାରରେ ରୁଚି । ବହୁ ସମାଜିକ ସଂଗଠନ ସହ ସଂଶ୍ଲିଷ୍ଟ । ଜେରିକେୟାର (ଜରା ଯତ୍ନ ଏବଂ ଗବେଷଣା ଅନୁଷ୍ଠାନ), ଜନକଲ୍ୟାଣ ସମିତି, ଜୀବନ ଗୁଣମାନ ଉନ୍ନୟନ ଓ ଅନୁସନ୍ଧାନ ପ୍ରତିଷ୍ଠାନ ଆଦି ସଂସ୍ଥାସବୁର ଗଠନରେ ମୂଳ ଭୂମିକା । ଗ୍ରାମରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ପ୍ରୋତ୍ସାହନ ଓ ନାରୀଶିକ୍ଷା ଉପରେ ଗୁରୁତ୍ୱ । ରାଷ୍ଟ୍ରପତିଙ୍କଠାରୁ ଜେରିକେୟାରକୁ ଜାତୀୟ ସ୍ତରରେ ବୟୋଶ୍ରେଷ୍ଠ ସମ୍ମାନ (୨୦୧୬), ପରିବେଶ ସ୍ୱଚ୍ଛତା ପାଇଁ 'ନଗର ବନ୍ଧୁ ସମ୍ମାନ' (୨୦୧୪); ଜନକଲ୍ୟାଣ ସମିତିକୁ 'ପ୍ରକୃତି ମିତ୍ର ସମ୍ମାନ' (୨୦୧୭); ଦଧୀଚି ସମ୍ମାନ (୨୦୨୦), ଏବଂ ଅନେକ ସାରସ୍ୱତ ଓ ସାମାଜିକ ଅନୁଷ୍ଠାନମାନଙ୍କ ଦ୍ୱାରା ସମ୍ମାନିତ ।

ଠଠ

# Mahaprasad

Chinmayi Nath



∞∞

**Dr Chinmayi Nath,** PhD, is an Indian origin artist based in Essex, UK. She is known for her art works in water colour, pastel, charcoal, acrylic, mixed media and displaying her paintings in various art exhibitions. Her artworks depict her journey and experience on different art style from miniature traditional palm leaf etching of East to contemporary abstract art of West. She has been selected to participate in the programme of Landscape Artist of the year 2022, under wild card competition category in Sky Arts, UK. Medium of Mahaprasad Painting: Pastel painting.

∞∞

# ରାତି ସରିଯାଏ ଜହ୍ନ ଫେରିଯାଏ

ପ୍ରଶାନ୍ତ କୁମାର ଦାଶ

ରାତି ସରିଯାଏ ଜହ୍ନ ଫେରିଯାଏ
ଲୁଚନ୍ତି ଆକାଶେ ତାରା
ସୁରୁଜ ଉଇଁଲେ ବିଛେଇ ପଡ଼ଇ
ସୁନାଖରା ଗାଆଁସାରା ||

ସୁନା ଚିକ୍ ଚିକ୍ ଖରାପଡ଼ି ସୁନା
ଦିଶେ ସାରା ନଈବାଲି
ସଅଳ ଗାଧୁଆସାରି ନୂଆବୋହୂ
ଘରକୁ ଫେରଇ ଚାଲି ||

ଥିଇରି ପବନ ସୁଲୁ ସୁଲୁ ବହି
ଶୀତଳତା ଦିଏ ଭରି
ବଗ ଫେରିଯାଏ ତା ଗଛ ବସାକୁ
ମୀନମାଛ ଥଣ୍ଟେ ଧରି ||

ଫୁଲ ଫୁଟିଯାଏ ଫଳ ପାଚିଯାଏ
ସୁନ୍ଦର ଦିଶଇ ଗଛ
ଚଷାପୁଅ ଲାଗେ ଚାଷକାମେ ତାର
ସୁଖ ସବୁକରି ପଛ ||

ପାଣିର ଛାତିରେ ନାଚି ନାଚି ନାଆ
ଆଗକୁ ଆଗକୁ ଧାଏଁ
ଅପା ଥାଇ ତାର ଶାଶୁଘରଟିରେ
ତା ଗାଆଁ ଆଡ଼କୁ ଚାହେଁ ||

ପବନର ବେଗ ଟିକିଏ ବଢ଼ିଲେ
ଗଛରୁ ପତର ଖସେ
ଦିନ ରାତି ମେଳ ଛଅଋତୁ ଖେଳ
ପାଇଁ ଏ ଜୀବନ ହସେ ||

००

# ଆମରି ହାତେ ଗଢ଼ା ତ ସବୁ

**ପ୍ରଶାନ୍ତ କୁମାର ଦାଶ**

ଆମରି ହାତେ ଗଢ଼ା ତ ସବୁ
ଏଇ ଦୁନିଆ ହିତେ
ପାରିବୁ ଆମେ ପୁଲକ ଦେଇ
କୋଟି ମଣିଷ ଚିତ୍ତେ ||

ଆମରି ହାତେ ବାଲିରେ ଗଢ଼ା
ସୁନ୍ଦର ଖେଳଘର
ଆକାଶ ତଳେ ଧରଣୀ କୋଳେ
ଥିଲେ ତ ନାହିଁ ଡର ||

ଆମରି ହାତେ ସୁନାସଂସାର
ପାରିବ ହେଇ ଗଢ଼ା
ହେବାକୁ ଭଲ ବଢ଼ିଆ ଚାଟ
କେତେ ଯେ ପାଠପଢ଼ା ||

ଆମରି ହାତେ ପଡ଼ିବ ଖସି
ଆକାଶୁ ସୁଖ ଶଶୀ
ଦେଖିବୁ କୋଟି ତାରକା ଫୁଲ
ବୋଉ କୋଳରେ ବସି ||

ଆମରି ହାତେ ଜହ୍ନରାଇଜେ
ଗଢ଼ିବୁ ଏକ ଘର
ରହିବୁ ଯାଇ ସେ ଘର କୋଳେ
ଭୁଲି ଆପଣା ପର ||

ꝏꝏ

# ଆକାଶ ଡାକୁଛି ହାତଠାରି

**ପ୍ରଶାନ୍ତ କୁମାର ଦାଶ**

ଡାକିଲାଣି ହାତଠାରି
ଆକାଶଟି ମୋତେ
ଉଡ଼ିବି ଭୁଲି ମୋ ଦୁଃଖ
ସୁଖ ଦେବ କେତେ ||

ଗାଆଁବିଲ ପାଟ ଦେହେ
ଗଛଟିଏ ନାହିଁ
ଗଛ ସବୁ କଟାହୁଏ
କୋଠାଘର ପାଇଁ ||

ମିଠାଫଳ କୋଳି ଆଉ
ଗଛଡାଳ ସୁଖ
ମିଳୁନାହିଁ ଆଖିଆଗେ
ଦେଖାଦିଏ ଦୁଃଖ ||

ସେନେହ ଶରଧା କିଏ
ଆମକୁ ବା ଦେବ
ଆମ ଆଖି ଦୁଇଟିରୁ
ଲୁହ କାଢ଼ି ନେବ ||

ସୁନୀଳ ଆକାଶ ଆଉ
ଗଛଲତା ବଣ
ଆମ ପାଇଁ ରଖିଛନ୍ତି
ନିତି କେତେ କଣ ||

ଏଇ ଗାଆଁ ବିଲ ବଣ
ଥୁଣ୍ଟା ଗଛ ଛାଡ଼ି

ଚାଲ ଯିବା ଦୂର ଦେଶ
ଉଡ଼ି ଧାଡ଼ି ଧାଡ଼ି ||

ଡେଣାଝାଡ଼ି ଉଡ଼ିଯିବା
ଆମେ ଦୂର ଦେଶ
ଯେଉଁଠାରେ ଥିବ ବଣ
ସବୁଜିମା ବେଶ ||

ଗାଇ ଗୀତ ହେଇ ମିତ
ବାନ୍ଧିଦେବା ବସା
ସଞ୍ଚିଦେବା ମନତଳେ
ବଞ୍ଚିବାର ଆଶା ||

ଏଇ ମନେ ଟିକେହେଲେ
ରହିବନି ଦୁଃଖ
ବଣଗଛ ଢାଳିଦେବ
ସରଗର ସୁଖ ||
ଓଓ

# ଅବୁଝା ପକ୍ଷୀର ଗୀତ

**ପ୍ରଶାନ୍ତ କୁମାର ଦାଶ**

ସୁଖ ତ ନଥାଏ ଦୁଃଖ ପାଉଥାଏ
ସହେ ସେ ବରଷା ଖରା
ବଣ ଗଛଡାଳ ତା'ପାଇଁ ସରଗ
ତହିଁରେ ସେନେହଭରା ||
ନିରଳସ ସେ'ତ ଗାଉଥାଏ ଗୀତ
ମିଠାଫଳ ଟିକେ ଖାଇ
ଶୋଷହେଲେ ପିଏ ଝରଣାର ଜଳ
ପାହାଡ଼ ପାଖକୁ ଯାଇ ||

ସୂରୁଜ ଉଇଁବା ଆଗରୁ ସେ ଉଠେ
ଦେହରୁ ଅଳସ ତଡ଼ି
ଡରେନାହିଁ ଦେଖି ଖରା ଅଂଶୁଘାତ
ଅଦିନ ବରଷା ଝଡ଼ି ||
ଗଛଡାଳ ନୀଡ଼େ ଶୋଇଲେ ଆଖିରେ
ସୁନେଲି ସପନ ନାଚେ
ନିଦଭାଙ୍ଗି ଦେଖେ ଗଛଡାଳେ କେତେ
ମିଠା ଫଳ କୋଳି ପାଚେ ||
ବୁଝିହୁଏ ନାହିଁ ତା ମଧୁର ଗୀତ
ପରାଣେ ପୁଲକ ଦିଏ
ଟିକି ପକ୍ଷୀ ସିନା ତା ହସ ଗୀତରେ
ସବୁ ଦୁଃଖ କାଢ଼ି ନିଏ ||
ବିଧାତା ଗଢ଼ିଛି ଛୋଟକରି ତାକୁ
କରେ ସେ ମହତକାମ
ବଣ ମୁଲକକୁ ମଣୁଥାଏ ସିଏ
ତା ପାଇଁ ସରଗଧାମ ||
ଦୂର ଆକାଶର ଛାତିରେ ସେ ଉଡ଼ି
ମଧୁର ସଂଗୀତ ଗାଏ
ଦିନର ସୂରୁଜ ବାହୁଡ଼ିଲା ପରେ
ତାର ନୀଡ଼େ ଫେରୁଥାଏ ||
ଅବୁଝା ପକ୍ଷୀର ଗୀତ ଶୁଣିଦେଲେ
ପିଲାଏ ଭୁଲନ୍ତି ଦୁଃଖ
ଅଝଟ କହ୍ନେଇ ନିଦେଯାଏ ଶୋଇ
ପାଏ ପିଲାଦିନ ସୁଖ ||

ꝏꝏ

**ପ୍ରଶାନ୍ତ କୁମାର ଦାଶ**, ପିପିଲି, ପୁସ୍ତକ: କୋଇଲି ଗାଉଚି ଗୀତ, ସୁନାଚେଢ଼ଇ ମୋ ରୁପା ଚଢେଇ, ଫୁଲ ପାଇଁ ଗୀତଟିଏ, କବିତା କଣ୍ଢେଇ (ସମ୍ପାଦନା)। ଓଡ଼ିଶାରେ ବହୁ ପତ୍ରପତ୍ରିକା, ଖବରକାଗଜ, ବେତାର ଓ ଦୂରଦର୍ଶନରେ ତାଙ୍କର କବିତା ପ୍ରକାଶିତ ଓ ପ୍ରଚାରିତ । ଶିଶୁ-କିଶୋର ପତ୍ରିକା ସରଗଶଶୀର ସମ୍ପାଦନା । ଅନେକ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ ।

ꝏꝏ

# ବୋଉ: ବାଉଁଶ ପେଟରା

ହରିଶ୍ଚନ୍ଦ୍ର ବେହେରା

ସବୁଦିନ ବୋଉ ସଜେଇ ରଖୁଥିଲା
ତା' ଦୁଃଖତକ ବାଉଁଶ ପେଟରାରେ
ଗନ୍ଧ କର୍ପୂର ଦେଇ
ଗୋଟେ ଛୋଟ ଚାବି ଝୁଲେଇ ଦିଏ ସେଥିରେ
କାଳେ କିଏ ଚୋରେଇ ନେବ ବୋଲି

ଏବେତ ଆଉ ଦରକାର ପଡୁନି ସିନ୍ଦୂର
ଫରୁଆଟିକୁ କାଢ଼ି ଦେଇଛି  ସେଥିରୁ
ସିନ୍ଦୂର କିଏ ଚୋରେଇ ନେଲା ପଚାରିଲେ
ଆଖିରୁ ଗଡ଼େଇ ଦିଏ ଦି' ଟୋପା ଲୁହ

ଭାଙ୍ଗିଯାଇଥିବା  ସ୍ୱପ୍ନମାନଙ୍କୁ ବି ପାଖରେ ଶୁଆଇ
ଧୋ' ରେ ବାଇଆ ଧୋ' ଗୀତ ବୋଲେ

ଅଦିନ ମେଘଟିଏ  ଢାଙ୍କିଦେଲା ଗୋଟେ ତାରା ଖଚିତ ରାତି
ଛିଣ୍ଡେଇ ଦେଲା  ମଞ୍ଜରି ଆସୁଥିବା ଫୁଲକଢ଼

ଠାକୁର ଘରେ ବୋଉ ଗୀତା ପଢ଼ିବାବେଳେ ଭାବେ
ମୃତ୍ୟୁ ଯଦି ଗୋଟେ ମିଛ ଖେଳ
ତେବେ କାହିଁକି ଭଙ୍ଗାହେଲା ହାତରୁ ଚୁଡ଼ି
ପୋଛାଗଲା ମଥାରୁ ସିନ୍ଦୂର !!

ଆକାଶଦୀପ ଜାଳିଲା ବେଳେ
କାହିଁକି ଗୋଟେ ଶୂନ୍ୟତାକୁ କୁଣ୍ଢେଇ କଇଁ କଇଁ କାନ୍ଦେ

କାହାପାଇଁ ସାଇତି ରଖେ ପୁଣ୍ୟତକ ତା' ପେଟରାରେ
ପାପସବୁ ନିଜ ଭିତରକୁ ନେଇ

କେଉଁ ସୂର୍ଯ୍ୟୋଦୟ ଆସିବାର ଅଛି ତା' ଭାଗ୍ୟରେ
ଆସନ୍ତାକାଲି ମାନଙ୍କର କଳା - ଘୁମର ଅନ୍ଧାର ଭିତରୁ  !!

ଛାତିରେ ଛାତିଏ ଦୁଃଖ ଧରି
ସେ ଶିଖାଏ ବିନା ରଞ୍ଜାରେ କେମିତି ଲଟେଇବାକୁ ହୁଏ
ଲୁହରେ କେମିତି ଜାଳିହୁଏ ଆକାଶଦୀପ ।।

ଠଠ

# ସଞ୍ଜବତୀଟିଏ ଜାଳି ଦେଇଥିଲ

**ହରିଶ୍ଚନ୍ଦ୍ର  ବେହେରା**

ସଞ୍ଜବତୀଟିଏ ଜାଳି ଦେଇଥିଲ
ହୃଦୟ ଚଉରା ମୂଳେ
ସାରା ଦେହ ମନ ମହକି ଦେଇଣ
ପ୍ରୀତିର ପାଖୁଡ଼ା ଖୋଲେ ।୦।

ଅଧା ଢଙ୍କା ତମ ଓଢଣା ଫାଙ୍କରୁ
ସତେକି ପୁନେଇଁ ଜହ୍ନ
ମୋ ମନ ଚକୋରୀ ଜୋଛନା ପରଶେ
ଗାଇଲା କଳ କୂଜନ
ବଇଁଶୀରେ ତମ ନାଁ ଧରି କିଏ
ଡାକୁଥିଲା ନଈ କୂଳେ ।୧।

ମଲ୍ଲୀ ଗଜରାରେ ତମ ଗଭା ପ୍ରିୟା
ବାସୁଅଛି ମହ ମହ
କେଉଁଠାରେ ଗୋଟେ ବସିଛି କି ହାଟ
ଶୁଭୁଅଛି ଗହ ଗହ
ଅନନ୍ତ ପ୍ରାଣର ବେଦୀ ମୂଳେ କିଏ
ଅନାହାତ ଦୀପ ଜାଳେ  ।୨।

ତମ ଓଦା ଓଦା ଉଦାସ ମୁହଁରେ
ଅତୀତର କେତେ ସ୍ମୃତି
କୁହରି କୁହରି କାନ୍ଦେ ଖରାବେଳେ
ଦୁଃଖିନୀ ମାଆ କପୋତୀ
ଛାତି ଭିତରର ଆଦେଖା କ୍ଷତ ମୋ
କରୁଣ ରାଗିଣୀ ତୋଳେ ।୩।

ଠଠ

# ମାଗୁନାହିଁ ମୁଁ ତ ଧୂପଛାଇ ସଞ୍ଜ

**ହରିଶ୍ଚନ୍ଦ୍ର ବେହେରା**

ମାଗୁନାହିଁ ମୁଁ ତ ଧୂପଛାଇ ସଞ୍ଜ
ତାରାଭରା ତୋଫା ରାତି
ମିନତି ଏତିକି କରିଦିଅ ମୋତେ
ପ୍ୟୁପାରୁ ପରଜାପତି ।୦।

ଲୋଡ଼ା ନାହିଁ ସ୍ୱର୍ଗ ଇନ୍ଦ୍ର ରାଜ ପଦ
ଏ ଧରା ସରଗ ମୋର
ସ୍ନେହ ମମତାର ମନ୍ଦାକିନୀ ଧାରା
ବହେ ଯହିଁ ନିରନ୍ତର
ଧୂଳି ପଣତରେ ମୁହଁ ଢାଙ୍କିଦେଲେ
ପୂରି ଉଠେ ମୋର ଛାତି ।୧।

ମାଟିର ପ୍ରଦୀପ ଜଳୁଥାଏ ଯେବେ
ତୁଳସୀ ଚଉରା ମୂଳେ
ମଙ୍ଗଳା ମନ୍ଦିରେ ସଞ୍ଜର ଆଳତି
ଝାଞ୍ଜ ମୃଦଙ୍ଗର ତାଳେ
ମନ କିଣିନିଏ ପକ୍ଷୀଙ୍କ କାକଳି
କୋଇଲିର କୁ-ହୁ ଗୀତି ।୨।

ଅଙ୍କାବଙ୍କା ନଈ ଗାଁ ଛୁଇଁ ଗାଏ
ସାଗର ସଙ୍ଖୋଳା ଗୀତ
ଗାଁ ଝିଅ ବୋହୂ ଗାଧୁଆ ତୁଠରେ
ହୋଇଥାନ୍ତି ତା'ର ମିତ
ଯେତେ ଦୂରେ ଥିଲେ ଭୁଲି ହୁଏନି ତା'
ସରାଗ ସାଉଁଳା ପ୍ରୀତି ।୩।

ଡଡ

**ଡ. ହରିଶ୍ଚନ୍ଦ୍ର ବେହେରା,** ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ୨୦୧୦ ମସିହାରେ ଅବସର ଗ୍ରହଣ କରିଛନ୍ତି । କବିତା ପୁସ୍ତକ: ଅନ୍ଧାରରେ କାଠୁରିଆ, ତମାମ ଜୀବନ, ହସବିକୁଥିବା ଝିଅ, ଓଲଟ କଦମ୍ବ, ଈପସିତ ଇନ୍ଦ୍ରଧନୁ, ଅଝଟ ନଈର ଗୀତ, କୋଟି କୋକିଳର କୁହୁ, ଦର ଆଉଜା କବାଟ, ମେଷ ପାଳକର ଗୀତ, ଅପାର୍ଥିବ ନିର୍ଜନତା । ତାଙ୍କ ପ୍ରତିଭାକୁ ଉତ୍କଳ ସାହିତ୍ୟ ସମାଜ, ସାରଳା ସାହିତ୍ୟ ସଂସଦ, ଅଖିଳ ଚକ୍ର ସାହିତ୍ୟ ସଂସଦ, ରାଧାନାଥ ସ୍ମୃତି ସଂସଦ, ଧ୍ୱନି ପ୍ରତିଧ୍ୱନି କବିତା ସମ୍ମାନ, ଚଲାପଥ ସାହିତ୍ୟ ସଂସଦ, ଯାଜପୁର ପୁସ୍ତକ ମେଳା, ଫୁଲବାଣୀ ପୁସ୍ତକ ମେଳା, ବାଣୀପୀଠ ସାହିତ୍ୟ ସଂସଦ, ଭୋଗରାଇ ମହୋତ୍ସବ ସମ୍ମାନିତ କରିଛନ୍ତି ।

ଡଡ

# ହିସାବ ଖାତା

**ବିଶ୍ୱନାଥ କର**

ସମୟଟା ଡେଣା ଝାଡ଼େ ଅସ୍ତଗାମୀ ସୂର୍ଯ୍ୟର ଛାତିରେ
ବରଗଛ ଛାଇତଳେ ମୋ ପାପୁଲିର ରେଖା ସବୁ ଗଣେ
ଆଉ କେତେ ଦିନ ବାକି ସବୁ ମୁହୂର୍ତ୍ତର ମିଠା ଚିହ୍ନାପଣ
ମୋ ଗଣ୍ଠିଲିରେ ସୁପ୍ତ ଯେତେ ପୂର୍ଣ୍ଣମାସୀ ଆଶାର କିରଣ ।

ଅନ୍ତହୀନ ରାଜରାସ୍ତା ଦୁଇପାଖେ ମୋ ସ୍ୱପ୍ନର ଆୟୁଷ
ସୋରିଷ କ୍ଷେତର ଧାରେ କାଶତଣ୍ଡି ଫୁଲର ଚମକ
ଝରଣାର ଚିହ୍ନା  କଳକଳ ସ୍ୱନ ପକ୍ଷୀଙ୍କ ରାଗିଣୀ
ସବୁଠି ସବୁଠି ସେଇ ଅନାଗତ କାରୁଣ୍ୟ କାହାଣୀ ।

ବାସ୍ କେତେ ଦିନ କେତେ ରାତି ଏମିତି ପଶାର ପାଲିରେ
ବିଜୟର ଅହଙ୍କାର ମରୁଦ୍ୟାନେ ନିଜ ସତ୍ତା ହାରେ
ସୂର୍ଯ୍ୟ ଲିଭେ ଚନ୍ଦ୍ରମାର ଆଗମନ ମିଛ ହୋଇଯାଏ
ମୋ ସ୍ୱପ୍ନର ବିଜୟୀ ଗୋଟି ବାରମ୍ବାର ବାଟବଣା ହୁଏ

ରୁକ୍ମିଣୀର ପ୍ରେମପତ୍ର ଦିଶେ ହାଲୁକା କାକରେ ଭିଜୁଛି
ମୁଁ ଜାଣେ ତମ ଚାରିପାଖେ କୃଷ୍ଣଚୂଡା ବିଛେଇ ପଡ଼ିଛି
ମୁଁ ସିନା ଜୀବନ ଖୋଜେ ତମ ପ୍ରେମ ଉଜାଣି ବନ୍ୟାରେ
ସମୟର ରଙ୍ଗବୋଳା ଫୁଲସଞ୍ଜ ଆଦ୍ୟ ଫଗୁଣରେ ।

ତମେ କିନ୍ତୁ ଏବେ କାକର ବିନ୍ଦୁରେ ଦେହକୁ ମାଜୁଛ
ନୀଡ ଫେରନ୍ତା ନିଃସଙ୍ଗ ପକ୍ଷୀଙ୍କ ଗୀତକୁ ଶୁଣୁଛ ।
ମୁଁ କିଛି ବୁଝୁନି ସତେ କେତେ ରଙ୍ଗ ଫୁଲ ପାଖୁଡାରେ
କେଣେ ମାଣ କେତେ ବିଶ୍ୱା ବିଶ୍ୱାସର ହିସାବ ଖାତାରେ ।

∞∞

# ପ୍ରେମର ଆରମ୍ଭ

**ବିଶ୍ୱନାଥ କର**

ପ୍ରେମର ଆରମ୍ଭ ଏକ ମିଠା ମିଠା ସୁନ୍ଦର ମିଛରୁ
ଏକ ଶ୍ରୁତି ମଧୁର ଆହ୍ଲାଦିତ ମିଛର ଶବ୍ଦକୋଷରୁ
କବିତା ଲେଖା ହୁଏ
ସୁନ୍ଦର ମିଛର ଧାର କରା ମିଛସ୍ମୃତିରୁ ।

ପ୍ରେମର ମୁଖବନ୍ଧ ଲେଖେ
ଡେଣା ଝାଡ଼ି ଉଡୁଥିବା ରାତି
ମିଠା ମିଠା ଶବ୍ଦରୁ ଝରୁଥାଏ ହୀରା ନୀଳା ମୋତି ।
ବନ୍ଦ ଆଖିରେ ବି ଝଲସେ କଥା କୁହା ଛବି
କେତେ ବେଳେ ଜହ୍ନ ରୁଷେ
କେତେ ବେଳେ ଅନ୍ତରୀକ୍ଷରେ
ଅନ୍ଧାର ରାତି ବି ଉଜ୍ଜ୍ୱଳ ଦିଶେ ।

ପ୍ରେମ ଏକ ସପନର ବିକିରଣ
ଚାଟୁକାରିତାର ମିଠାଜହର ଦହନ
ଫଗୁଣର କାବ୍ୟିକ ଉଚ୍ଚାରଣ
ତାନପୁରାର ଧୂନ୍ ମହୁମାଛିର ଗୁଞ୍ଜନ ।
ବିଛନ୍ଦ କବିତାର ଶୀର୍ଷକ ପ୍ରେମର କଥା ଉପକଥା
ହୃଦୟର ଅବୁଝା ବ୍ୟଥା ।

ହୃଦୟ କହେ ହୃଦୟ ଶୁଣେ
ଲିପିବଦ୍ଧ ଆଖିରେ ଛାତିରେ ପ୍ରଗଳ୍ଭା ଋତୁର ଭାଷା
ପ୍ରେମ ଏକ ଅଦିନିଆଁ ବର୍ଷା
ଅଜଣା ବାଟରେ ଚାଲିବାର ନିଶା
ନିଶାସକ୍ତ ଫଗୁଣର ମିଛ ପରିଭାଷା ।

ପ୍ରେମର ଆରମ୍ଭ ଜହ୍ନର ଛାଇରୁ
ତାରାର ମାୟାବୀ ହସରୁ
ପ୍ରେମର ପ୍ରାରମ୍ଭ କାନଭାସ୍‌ର  କୃଷ୍ଣଚୂଡ଼ା ଛବି
ପ୍ରେମର ଆରମ୍ଭ ଇନ୍ଦ୍ରଧନୁର ଇନ୍ଦ୍ରଜାଲ
ମନଭିତରେ ଭାସମାନ ମେଘର ଚିତ୍ରିତ ବାଦଲ
ଦରଫୁଟା ରଙ୍ଗ ଭିଜା କରବୀ ।

ସୁନ୍ଦର ମିଛର ମିଠା ଆଶ୍ୱାସନା
ତିଆରି କରେ ପ୍ରେମ
ହୃଦୟର କିଛି ଅକୁହା ସ୍ପନ୍ଦନ
ତିଆରି କରେ ନିଜ ଅଭିଧାନ
ଓଦା ଓଦା ଜୋଛନାର ସୀମାରେଖା ଡେଇଁ
ପ୍ରେମ ରଥ ତିଆରି କରେ ସୁନ୍ଦରୀ କଇଁ ।

ଠଠ

# ଫୁଲ ଫୁଟୁନଥିବା ଗୋଟେ ଗଛ ପାଇଁ କବିତା

ସୃଜନ SRUJAN The Creativity Journal

**ବିଶ୍ୱନାଥ କର**

ସଞ୍ଜ ନଉଁ ନଉଁ ଧୀର ପବନରେ ଖୋଲିଯାଏ ବାତାୟନ
ଆଖି ଆଗରେ ନାଚି ଉଠେ ଅଦୂରର କୃଷ୍ଣଚୂଡା ଗଛ
ଯିଏ କେବେ ହୋଇନି ପୁଷ୍ପବତୀ
ନାଲି ନାଲି ଫୁଲର ପେଣ୍ଠାରେ ମଣ୍ଡିଯାଇନି
ମନଛୁଆଁ ଫଗୁଣ ବସା ବାନ୍ଧିନି ଡାଳରେ
ଗାଇନି ମଳୟର ସାରେଗାମା ।

ହୋଇଥିବ ଅବା ବେପରୁଆ ଋତୁମାନେ
ବାଟ ଭାଙ୍ଗି ଚାଲିଯାଉଥିବେ
କେଉଁ ପ୍ରେମିକାର ଅଭିସମ୍ପାତରେ
ମଳୟ ବି ଭୁଲିଯାଇଥିବ ଠିକଣା

ଗଛ ଡାଳରେ ବସା ବାନ୍ଧିଥିବା ଏକଲା ପକ୍ଷୀ
ଗାଇ ପାରୁନଥିବ ଯୌବନ ବନ୍ଦନା ।

ପ୍ରେମର ବର୍ଣ୍ଣମାଳାର ଯତିପାତ
ବୁଝେଇ ପାରୁନଥିବ ସ୍ୱପ୍ନର ପରିଭାଷା
ରଙ୍ଗର ଆକାଙ୍କ୍ଷା
ଜହ୍ନ ଉଉଁନଥିବ ଘୋଷି ଘୋଷି ମିଳନର ଚଉତିଶା
ବିତେଇଦେଇ ଯୌବନର ଅଜ୍ଞାତବାସ
ନୀଳ ଆକାଶର ବାଦଲ ଦ୍ୱୀପରେ ।

ରଙ୍ଗୀନ ନିଶାର ବିପଣୀ ଆଦ୍ୟ ବସନ୍ତର ଆଗମନେ
ହଜିଯାଇଛି କେଉଁ ଅଗମ୍ୟ ଦ୍ୱୀପରେ
ପିଠିରେ ବୋହି କୃଷ୍ଣଚୂଡ଼ାର ଅଭିସାର
ପ୍ରଜାପତିର ପ୍ରୀତିର ଫଲ୍ଗୁ
ଶ୍ରାବଣୀର ଗୀତ ।

ଏକାକୀତ୍ୱର ଯନ୍ତ୍ରଣାରେ ପୁଷ୍ପବତୀ ହୋଇନି
ସେଇ କୃଷ୍ଣଚୂଡ଼ା ଗଛ
ମୋ ବାତାୟନ ଖୋଲିଲେ ଆଖି ଆଗରେ ନାଚି ଉଠେ
ସନ୍ଧ୍ୟାର ସଙ୍ଗୀତ ଝଙ୍କାରେ
ଲୁହଭିଜା କୃଷ୍ଣଚୂଡ଼ାର ସରମୀ ବିଷାଦ ।

ଓଓ

**ବିଶ୍ୱନାଥ କର,** ଏମ୍ ଏ, ଏଲ୍ ଏଲ୍ ବି, କଟକ, ପଞ୍ଜାବ ନେସନାଲ ବ୍ୟାଙ୍କରୁ ଅବସର । ଆଠଟି କବିତା ସଙ୍କଳନ ପ୍ରକାଶିତ । ସତ୍ୟବାଦୀ, ଝଙ୍କାର, ପ୍ରଣାମ ଜଗନ୍ନାଥ, କବି, ବନଫୁଲ, ଶିଳାଶ୍ରୀ, ଅର୍ପିତା, ନବୀନ, ଆମ ପ୍ରଣାମ, ଅନ୍ୱେଷଣ, ଅଭୀପ୍ସା, ସୁଚେତା, ସୁନାସାଜ, ଜ୍ଞାନପ୍ରଭା, ଅକ୍ଷର, କଳ୍ପନା, ପରିକଳ୍ପନା, ଜିତେନ୍ଦ୍ର ଜ୍ୟୋତି, ମକର ମଣ୍ଡା, ସମାଜ, ସମାଜ ସାପ୍ତାହିକୀ, ପ୍ରଜାତନ୍ତ୍ର, ପ୍ରଗତିବାଦୀ ଆଦି ପତ୍ରପତ୍ରିକାରେ ଲେଖା ପ୍ରକାଶିତ । ଓଡିଶାର ବିଭିନ୍ନ ଅନୁଷ୍ଠାନରୁ କବିରତ୍ନ, କବିପ୍ରାଣ ଆଦି ସମ୍ମାନରେ ସମ୍ମାନିତ ।

ଓଓ

# ଅବକ୍ଷୟ

ଶମ୍ଭୁନାଥ ରାଉଳ

ମୁ କ'ଣ ଆଙ୍କିବି ତୁମ ଚିତ୍ର ପଟ
ରୂପରେଖ ଦେବି ତୁମ ସୌନ୍ଦର୍ଯ୍ୟର
ଅମାପ ଅବସ୍ଥିତିକୁ ।
ଏବେ କିନ୍ତୁ ମୁଁ ଦେଖୁଛି ଅବକ୍ଷୟ
ତୁମର ସେ ରୂପର ଗରିମା,
ତୁମେ ତେଣୁ କାନ୍ଦୁଅଛ
ଅଶ୍ରୁ ଢାଳି ପ୍ରତିଟି କ୍ଷଣରେ
ଯାହାକୁ ଦେଇଛ ଏବଂ ଦେଉଅଛ
ଜୀବନର ଜ୍ୟୋତି, ବଞ୍ଚିବାର ଅମୂଲ୍ୟ
ସମ୍ପଦ ସବୁ ।
ସେମାନେ ତୁମକୁ ଆଜି ତିଳ ତିଳ
କରୁଛନ୍ତି ହତ୍ୟା ନିର୍ମମ ଭାବରେ ।
ତୁମ ଶୀତଳ ଛାଇର ଅଭାବ ଏବେ ଚାରିଆଡ଼େ
ବୈଶାଖର ଝାଞ୍ଜି ପବନରେ ଦେହ,
ମନ ପୋଡ଼ିଯାଏ, ପାରଦ ବଢ଼ିଯାଏ
କେତେ କାହିଁ ଏବଂ ଅଚାନକ ନାଶ ହୁଏ କେତେ ପ୍ରାଣ,
ତୃଷାତୁର ପଥିକଟିର ଶୁଖିଯାଏ ତଣ୍ଟି
ଦାରୁଣ ଖରାରେ ।
ଖୋଜି ବୁଲେ ଛାଇ ଟିକେ ପାଇଁ
ଖୋଜି ବୁଲେ, ବର୍ଷ ବର୍ଷ ଧରି ଯାହା
ତଳେ କଟିଥିଲା ଦ୍ୱିପ୍ରହର
ଏବଂ ଟୋପା ଟୋପା ମେଘର
ସ୍ୱର୍ଶରେ ଓହଳରୁ ଗଡ଼ି ଆସ
ଭିଜେଇ ଦେଇଥିବା ତା'ର ଦେହ ଓ ମନକୁ ।
ଏବେ ଖାଲି ଧୁ ଧୁ ଖରା ଓ ଉତ୍ତାପ

ଚିମିନିର ଧୂଆଁ ମାଇଲ୍ ମାଇଲ୍ ଧରି
ଇଟା ସିମେଣ୍ଟର ସ୍ତୂପ ସବୁ ରାସ୍ତା ସାରା
ଧୂଆଁର କୁହୁଡ଼ି ମୁହଁ ଦିଶେ ନାହିଁ,
ଅସହ୍ୟ ଛାତିଫଟା ଶବ୍ଦ ନିଶ୍ୱାସ ନେବାକୁ
କଷ୍ଟଲାଗେ, ପ୍ରଦୂଷିତ ଗାଁ ଗଣ୍ଡା ସହର
ଓ ନଗରରେ କେତେ କିସମର ରୋଗ
ଡାକ୍ତରଙ୍କ ବୁଦ୍ଧି ହଜିଯାଏ ।
ସ୍ରୋତ ହୋଇ ଏଠି କେତେ ବହିଯାଏ
ଜଳ ସମୟର, ଗଙ୍ଗା, ଯମୁନାରେ, ମହାନଦୀ
ବଡ଼ନଦୀ, ବୈତରଣୀ, ସିନ୍ଧୁ, କାବେରୀରେ ।
ଭଗୀରଥ ଦୁଃଖ କରେ ଗଙ୍ଗାର ଦୁର୍ଦ୍ଦଶା ଦେଖି,
କାହିଁକି ସେ ଆଣିଥିଲେ ଏ ଧରା ପୃଷ୍ଠକୁ ।
ଗଙ୍ଗାର ମର୍ଯ୍ୟାଦା ସବୁ କ୍ଷୁଣ୍ଣ ହୁଏ,
ଗଙ୍ଗାର ଆଳତୀ ଖାଲି ଲୋକ ଦେଖାଣିଆ
ଗଙ୍ଗା ଏଠି ବେଦନାରେ ଜର୍ଜରିତ
ମର୍ମାହତ କୋଟି କୋଟି
କଳୁଷିତ ହୃଦୟର ପାପ ଧୋଇ ଧୋଇ ।
ନଦୀମାନେ କ୍ରନ୍ଦନରେ ହୃଦୟ ଫଟାନ୍ତି,
କେବେ କେବେ ମର୍ମନ୍ତୁଦ
ବନ୍ୟା ଓ ବାତ୍ୟାର ରୂପ ନେଇ
ବିକ୍ଷୋଭ କରନ୍ତି ଏବଂ ପୁଣି ଫେରିଯାନ୍ତି
ଅପୂରଣୀୟ କ୍ଷତ ଦେଇ
ମନେ ପକାନ୍ତି ତାଙ୍କ ତଟ ଦେଶରେ
ଗଢ଼ି ଉଠିଥିବା କେତେ କେତେ ସଭ୍ୟତାକୁ
ବଡ଼ବଡ଼ ସହର ଓ ନଗରକୁ ।
କେବେ ପୁଣି ଠିକ୍ ହେବ, ସବୁ ବଦଳିବ
ବଦଳିବ ମଣିଷର ମନ ।
ନୀଳ ନୀଳ ସବୁଜିମାରେ ଭରିଯିବ
ଏ ସହର, ଏ ନଗର, ଏ ପୃଥିବୀ
ଇଚ୍ଛା ହେଉଥିବ ଖାଲି ଦେଖିବାକୁ ଛୁଇଁବାକୁ ,

ମନଭରି ଉପଭୋଗ କରିବାକୁ
ସେ ସୌନ୍ଦର୍ଯ୍ୟ, ଯାହାର ଘଟିବ ନାହିଁ
ଅବସାନ ହେବ ନାହିଁ ଅବକ୍ଷୟ କେବେ,
ବରଂ ବଢୁଥିବ ସେ ସୌନ୍ଦର୍ଯ୍ୟ
ଦିନୁ ଦିନ, ଚିରଦିନ,
କବିମାନେ କରୁଥିବେ ଚେଷ୍ଟା
ଧରି ରଖିବାକୁ ତୁମର ସେ
ରୂପରେଖ ଯାହାର କି ନାହିଁ ପଟାନ୍ତର ।

୦୦୦

## କଳଙ୍କ

**ଶମ୍ଭୁନାଥ ରାଉଳ**

ତୁମେ ଆଉ ପିନ୍ଧନାହିଁ
ମଖମଲି ଜରିର ପୋଷାକ, ମାଖ ନାହିଁ
ମିଛଟାରେ କୃତ୍ରିମ ସେ ରଙ୍ଗ ସବୁ
ଯାହାର ଗନ୍ଧରେ ଦଳଦଳ ମହୁମାଛି
ସବୁ ତୁମକୁ ଉଦ୍ଦିଷ୍ଟ କରି ପାଖେଇ
ଆସନ୍ତି, କ୍ଷତ ବିକ୍ଷତ କରି
ମହୁ ସବୁ ଶୋଷି ନେବା ପାଇଁ,
ତାପରେ ଉପେକ୍ଷା କରି ଚାଲିଯାନ୍ତି ନିଜ ବାଟେ ।
ତୁମେ ପଡ଼ିଥାଅ କେବେ କେଉଁ ନର୍ଦ୍ଦମାରେ, ନଦୀ ପଠା, ଜଙ୍ଗଲରେ
ହୋଟେଲର ବନ୍ଦ କୋଠରୀରେ ।
ଏଠି କିଛି ମାନେ ନାହିଁ ସମ୍ପର୍କର
ତାରତମ୍ୟ ନାହିଁ ବୟସର, ଖୁବ୍ ବେଶୀ କଳୁଷିତ
ଆତ୍ମାମାନଙ୍କର ଭିଡ଼ ଜମେ ହୋଟେଲ୍‌ରେ
ସପିଙ୍ଗ୍ ମଲ୍‌ରେ ଅବା ପୁଣି କଲେଜ୍ ଛକରେ,
ବିକୃତ ମସ୍ତିଷ୍କ ଏବଂ କଳଙ୍କିତ

ହୃଦୟକୁ ନେଇ ପାପର ସମୁଦ୍ରେ
ଝାସ ଦେବା ପାଇଁ ଟଣା ଓଟରାର
ଅନ୍ୟ ଏକ ପୃଥିବୀର ସୃଷ୍ଟି ହୁଏ ।
ଏମାନେ କ'ଣ ଦୁର୍ଯୋଧନଙ୍କର
ରୂପାନ୍ତର, ବିବସ୍ତ୍ର କରିବା ପାଇଁ
ପଣ ନେଇ ଆସିଛନ୍ତି ହସ୍ତିନାପୁରରୁ?
ଏବେ କିନ୍ତୁ ସଖା କୃଷ୍ଣଙ୍କର ଦେଖା ନାହିଁ
କୋଟି ବସ୍ତ୍ର ଯୋଗାଇବା ପାଇଁ
କୁରୁସଭା ତଳେ,
ଆର୍ତ୍ତନାଦ ଶୁଭେ ନାହିଁ କାହାର କାନକୁ
ପ୍ରତିଦିନ, ପ୍ରତି ମୁହୁର୍ତ୍ତରେ ବଳି ପଡୁଥିବା
ନିରୀହ ଆତ୍ମାର ।
ତୁମେ ସବୁ କାହାର ଦାୟାଦ,
ଭୁଲିଗଲ ତୁମର ସେ ଷଠିଘର
ଏକୋଇଶା, ନାମକରଣର ମହାର୍ଘ
ମୁହୂର୍ତ୍ତ, ତୁମ ମା' କରିଥିବା ତୁମ ପାଇଁ
ଦିନ ଦିନ ଉପବାସ, ଦିଅଁ ପୂଜା,
ମାନସିକ, ବାର ଓଷା, ତେର ବ୍ରତ
ଜନ୍ମ ଦିନ ପିଠା, ପଣା
ତୁମ ପାଇଁ କିଣିଥିବା ଖେଳନା କଣ୍ଢେଇ ।
ତୁମେ କେବେ ଭୟ କରୁନାହଁ
କାଳ କୋଠରିକୁ, ଫାଶି ଖୁଣ୍ଟକୁ
କିମ୍ବା ନ୍ୟାୟାଳୟର ନ୍ୟାୟାଧୀଶଙ୍କୁ
ତୁମେ ତେବେ ସଙ୍କୁଚିତ ହେଉନାହଁ
ଅଗଣିତ ଲୋକଙ୍କ ଚକ୍ଷୁରେ ।
ତୁମ ମାଆଙ୍କର ଅବିରତ ଅଶ୍ରୁରେ
ତୁମ କଳୁଷିତ ହୃଦୟ କେବେ
ଫାଟିପଡୁ ନାହିଁ ଅନୁତାପରେ,
କେଉଁ ନିଷ୍ପାପ ବାଳିକାର
ଅଭିଶାପରେ ଜଳି ଯା'ର

ନାହିଁ ଭୂଗୋଳ ଓ ଇତିହାସ ଚିରଦିନ ପାଇଁ ।
ତୁମେ କେବେ ଜନ୍ମ ନେବ ନାହିଁ ଆଉଥରେ
କେବେ କେଉଁ ମାତାର ଗର୍ଭରୁ,
ତେଣୁ ଶେଷଥର ପାଇଁ
ଦେଖି ନିଅ ନିଜ ଛବି
ବିଦୀର୍ଣ୍ଣ ସେ ଭଙ୍ଗା ଆଇନାରେ ।
ଊଊ

# ନିଃସଙ୍ଗ ମଣିଷ

**ଶମ୍ଭୁନାଥ ରାଉଳ**

ମୁଁ ତ ଆଣି ନଥିଲି ମୋ ସାଙ୍ଗରେ
ଏ ସୁରମ୍ୟ ଅଟ୍ଟାଳିକା, ଆଣି ନଥିଲି
ଏ ଟ୍ରମ୍ପ୍ ଟାୱାର, ଆଣ୍ଟିଲା,
ଟାଟା ହାଉସ୍, ବିର୍ଲା ହାଉସ୍ ।
ମୁଁ ଜାଣିନି ଭୂମିଷ୍ଠ ହେଲାବେଳେ
ମୁଁ କ'ଣ କାନ୍ଦିଥିଲି ନିଜେ ନିଜେ
କିମ୍ବା ମୋ ଜନ୍ମରେ ସାହାଯ୍ୟ
କରିଥିବା ଡକ୍ଟର, କି ନର୍ସର ପ୍ରଥମ ଥାପୁଡାରେ ।
ମୁଁ କାହିଁକି ଉତ୍‌ଫୁଲ୍ଲିତ ଏତେ
ମୋ ପତ୍ନୀଙ୍କ ହୀରା ଗହଣାରେ ବିମଣ୍ଡିତ
ବେଶ ଦେଖି, ଖୋଜୁଛି ମୁଁ
ଆମେରିକା, ଲଣ୍ଡନରେ, ପୃଥିବୀର ସବୁଠାରେ
ଦାମୀ ଗାଡ଼ି, ଦାମୀ ଘଡ଼ି ଏବଂ
ସବୁ ଅମୂଲ୍ୟ ସମ୍ପଦ ।
ମୁଁ କରୁଛି ନିତି ଏଠି ଚାଇନିଜ୍
ଇଟାଲିଆନ୍ ଏବଂ ଦେଶ ବିଦେଶର
ସୁସ୍ୱାଦୁ ଭୋଜନ, ମନ ଲାଖି
ରୁପା ଥାଳି ଆଉ ରୁପା ଚାମଚରେ ।

ମୁଁ ହେଉଛି ଅଧୀଶ୍ୱର ଏ ରାଜ୍ୟର
ଅନେକ ରାଜ୍ୟର, ମୁଁ ପାଳୁଛି ପ୍ରଜା
ମୋର ମନ ମୁତାବକ ।
ଯୋଗାଉଛି ଖାଦ୍ୟ, ପେୟ, ବସନ ଓ
ମେଣ୍ଟାଉଛି ଗୁଜୁରାଣ ତାଙ୍କ ।
ମୁଁ କରୁଛି ରୋଗୀ ସେବା
ବାଣ୍ଟୁଛି ପୁସ୍ତକ ଓ ସଭା ସମିତିରେ
ମୁଁ ପିଟୁଛି ଡିଣ୍ଡିମ ମୋ ମାନବିକତାର
ମୁଁ ନୁହେଁ କୁବେର କି ରାଜା ହରିଶ୍ଚନ୍ଦ୍ର
ମୁଁ ଏକ ଏକୁଟିଆ ନିଃସଙ୍ଗ ମଣିଷ ।
ମୋ ପୋଷାକ ଖୋଲି ଦେଲେ
ମୁଁ ନିଜକୁ ପାରେ ନାହିଁ ଚିହ୍ନି ।
ନଥିଲା ତ ସୂତା ଖିଏ ମୋ ଅଣ୍ଟାରେ
ଜନ୍ମ ନେଲାବେଳେ
ଏବେ କିନ୍ତୁ ମୋ ପାଖରେ
ଅଗଣିତ ପୋଷାକର ଭିଡ଼ ।
ମୋ ଅର୍ଜିତ ସମ୍ପତ୍ତିର ହିସାବ
ମୁଁ ପାରୁ ନାହିଁ ରଖି
ମନେ ରଖି ପାରୁନାହିଁ କେତେ ଶୂନ
ଲାଗି ଅଛି ସେ ସଂଖ୍ୟାରେ
ମୁଁ ପାରୁନି ମନେ ରଖି
କେତେ ଋଣ ନେଇଥିଲି ଏଠି ।
ଏବେ ମୋର ସ୍ଥିତି କ'ଣ
ଜଣା ନାହିଁ କାଲିର ଠିକଣା ।
କେବେ ପୁଣି ମୁଁ ପାଇଛି ମୋ ନିଜକୁ
ଲସ୍ ଭେଗାସ୍‌ର 'ଫେସନ୍ ସୋ'ରେ,
କେବେ ପୁଣି ବ୍ୟାଡ଼ମିଣ୍ଟନ୍, କ୍ରିକେଟ ମ୍ୟାଚ୍‌ରେ
ଉତ୍ସାହିତ କରୁଅଛି ମୋ ଟିମ୍‌କୁ ।
ମୁଁ କେବେ ପାରୁନି ଦେଖି ଜହ୍ନରାତି ଏଠି ।
ଏସି ରୁମ୍‌ର ବନ୍ଦ କୋଠରିରେ ମୁଁ

ଅଣନିଶ୍ୱାସୀ, ଏକୁଟିଆ ମଣିଷ ମୁଁ
ଭାରି ଡର ଲାଗେ ।
ମୁଁ କ'ଣ ଆଣିଥିଲି, ମୁଁ କ'ଣ ନେଇଯିବି
ମୁଁ କ'ଣ ଛାଡ଼ିଯିବି କାହା ପାଇଁ
ମୁଁ ହିସାବ କରିପାରୁ ନାହିଁ ।
ତେଣୁ ହେ ଈଶ୍ୱର ଶକ୍ତି ଦିଅ ମୋତେ
ତୁମ ସଙ୍ଗେ ମିଶିଯିବା ପାଇଁ,
ଖାଲି ହାତେ ଯେମିତି ମୁଁ ଆସିଥିଲି
ଦିନେ ଏ ଧରା ପୃଷ୍ଠକୁ ।

ଓଓ

**ଶମ୍ଭୁନାଥ ରାଉଳ,** ମାଷ୍ଟର ଅଫ୍ ଫରେନ ଟ୍ରେଡ୍ । ପ୍ରାୟ ୪୦୦ଟି କବିତା, ୨୨ଟି କ୍ଷୁଦ୍ରଗଳ୍ପ ରଚନା, ଦୁଇଟି ବହିର ସମୀକ୍ଷା, ଗୋଟେ ପ୍ରବନ୍ଧ ଏବଂ ଏକ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଉପରେ ଆଲେଖ୍ୟ ରଚନା । ପ୍ରକାଶିତ ପୁସ୍ତକ: ୫ଖଣ୍ଡ କବିତା ପୁସ୍ତକ - ମହାସମୁଦ୍ର, ଅନନ୍ୟ, ନୈବେଦ୍ୟ, ସମୟର ମାନଚିତ୍ର ଏବଂ ଭୋରର ଆଲୁଅ; ଖଣ୍ଡିଏ ଗଳ୍ପ ପୁସ୍ତକ - ସମ୍ପର୍କର ମହକ; ଖଣ୍ଡିଏ ସମୀକ୍ଷା ପୁସ୍ତକ - ମହାସମୁଦ୍ର ଏକ ଅନ୍ତରଙ୍ଗ ଆକଳନ । ଅନେକ ଅନୁଷ୍ଠାନ ଦ୍ୱାରା ସାହିତ୍ୟକୃତି ପାଇଁ ସମ୍ମାନିତ । ଭୁବନେଶ୍ୱରରେ ରହନ୍ତି ।

ଓଓ

# Acropolis

Aarav Avneesh



∞∞

**Aarav Avneesh** has an eye for the stars, he wishes to study astrophysics, and has a strong passion for art. He is a Year 10 Student, in Holyrood Secondary School, Glasgow, Scotland, UK.

∞∞

# କବିତା

## କଳ୍ପନା ମିଶ୍ର

କେବେ ତୁ କବିତା ଲହର ବନ୍ୟା
କେବେ ପାରିଜାତ ଫୁଲ
ମନ ଉପବନେ ଫୁଟିଯାଉ ଯେବେ
ଦେଇପାରେନି ତୋ ମୂଲ୍ୟ ।

କେବେ ରୁଷି ଯାଉ ଅଭିମାନରେ ଲୋ
ଖେଳୁ ଶବ୍ଦ ଲୁଚକାଳି
ଖୋଜୁଥାଏ ତତେ ଫୁଲ ପାଖୁଡ଼ାରେ
ଜପୁଥାଏ କରି ମାଳି ।

ତୋ ପ୍ରେମରେ ଯେବେ ପଡ଼ିଲି ସଜନୀ
ଅଦିନେ ବରଷା ହେଲା
ମନର ମୟୂରୀ ଶିଖିତୋଳି ଛନ୍ଦେ
ହୃଦୟେ ମୋ ନାଚୁଥିଲା ।

ତୋ ରୂପ ମାଧୁରୀ ଅତି ମନଲୋଭା
କି ଛନ୍ଦରେ ଛନ୍ଦି ଦେଲୁ
ଇନ୍ଦ୍ରଧନୁ ସମ କଳ୍ପନାରେ ମୋର
ସପ୍ତରଙ୍ଗ ଭରିଦେଲୁ ।

ଜହ୍ନ ଜୋଛନାରେ ଫୁଲ ଫଗୁଣରେ
ଖୋଜି ମୁଁ ବସିଲି ତତେ
ଝୁରିଲି ତତେ ଲୋ ରୂପର ରୂପସୀ
କି ଗୁଣି କରିଲୁ ମତେ ।

ଓଓ

# ତୁମେ ଆଉ ମୁଁ

**କଳ୍ପନା ମିଶ୍ର**

ତୁମେ ମୋ ମନର ସଞ୍ଜୁଆ ତାରାଟେ
ମୁଁ ତୁମ ଉଆଁସ ରାତି
ତୁମେ ପ୍ରଣୟର ପ୍ରୀତି ପରିଭାଷା
ମୋ ଓଠର ମଧୁ ଗୀତି ।

ମୋ ମନ ଆକାଶେ ପୂର୍ଣ୍ଣ ଚାନ୍ଦ ତୁମେ
ମୁଁ ଅଟେ ସରସୀ କଇଁ
ଚାନ୍ଦିନୀ ପଖଳା ମଧୁ ଯାମିନୀରେ
ପ୍ରତୀକ୍ଷା ମୋ ସରିନାହିଁ ।

ପାହାନ୍ତି ପ୍ରହର ସ୍ୱପ୍ନର ସମ୍ଭାର
ମୁଁ ଅଟେ ବିନିଦ୍ର ରାତି
ଝରା ଶେଫାଳୀର ସୁରଭି ତୁମେ ଗୋ
ମୁଁ ତୁମ ଅଭୁଲା ପ୍ରୀତି ।

ତୁମ ହୃଦୟରେ ରହିଛି ରହିବି
ପ୍ରଣୟର ଦୀପ ଜାଳି
ଅଳପ ଦିନର ଗଳ୍ପ ମୁଁ ଲେଖିବି
ପ୍ରୀତିର ପୁଲକ ଢାଳି ।

ଓଓ

# ନାରୀ

## କଳ୍ପନା ମିଶ୍ର

ଅନବଦ୍ୟ ସୃଷ୍ଟି ଈଶ୍ୱରଙ୍କର ଗୋ
ତୁମେ ତ ମମତାମୟୀ
ନାରୀ ରୂପେ ତୁମେ ନାରାୟଣୀ ଅଟ
ଅପରୁପା ଶାନ୍ତି ଦାୟୀ ।

ମହାଶକ୍ତି ତୁମେ କରାଳ କାଳିନୀ
ଚଣ୍ଡୀ ଦୁର୍ଗା କାତ୍ୟାୟିନୀ
କେବେ ତୁମେ ସାଜ ଜନନୀ ଭଗିନୀ
କେବେ ପୁଣି ପ୍ରଣୟିନୀ ।

ତୁମରି ପରଶେ ହସିଉଠେ ଧରା
ହସିଉଠେ ସବୁ ଘର
ତୁମରି ଓଠରୁ ଝରିପଡ଼େ ସୁଧା
ସର୍ବଶକ୍ତିମୟୀ ପରା ।

ବାଣ୍ଟୁଥାଅ ସଦା ମମତା ପୀୟୂଷ
ନିନ୍ଦା ଅପବାଦ ସହି
ପରଶମଣୀ ଗୋ ପରଶେ ତୁମର
ସୁନ୍ଦର ଅଟେ ଏ ମହୀ ।

ꣳꣳ

**କଳ୍ପନା ମିଶ୍ର,** କପିଳ ଚରଣ ନୋଡାଲ୍ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ ରୂପେ କାର୍ଯ୍ୟରତ । ଆଧ୍ୟାତ୍ମିକ ବିଶେଷ କରି, ଜଗନ୍ନାଥଙ୍କ ଉପରେ ଆଧାରିତ କବିତା ଲେଖିବା ତାଙ୍କର ନିଶା ।

ꣳꣳ

# ଆତ୍ମତୃପ୍ତିର ଅନ୍ତଃସ୍ୱର

ସୃଜନ
SRUJAN
The Creativity Journal

## ମିନାକ୍ଷୀ ଦ୍ୱିବେଦୀ

ଏଇତ ପ୍ରୀତି ନିର୍ଝରିଣୀ
କଅଁଳ ଖରାର ଛାଇରେ ଫୁଟୁଥିବା
ଯୌବନର ନିମନ୍ତ୍ରଣେ ଝରାଏ
ପ୍ରେମର ସର୍ପିଳ ଝରଣା,
ଆଗୋ ଶ୍ୟାମା ସ୍ନିଗ୍ଧ ଦାତ୍ରୀ
ତୁମ କରୁଣ ହିରଣ୍ମୟୀ ଧ୍ୱନୀ
ଅନ୍ତର ତଳେ ଜାଗେ ଶିହରଣ, ଅପୂର୍ବ କମ୍ପନ
ଅନ୍ଧକାର କୁଞ୍ଜେ କର ଦୀପ୍ତିର ଆହ୍ୱାନ
ମନପଥେ ହଜିଯାଏ ଅବର୍ଣ୍ଣନ ସୁରଭିର ଅନୁରାଗ,
ପ୍ରୀତିପ୍ରଜ୍ଞା ତୁମେ
ତୁମ ନିରବତା, ତୁମ ଅଭିମାନ,
ଫଗୁଣ ଲେସା ଲାଜର ଗହଣା
ଚହଟାଏ ଶ୍ୟାମଳ ସୁବାସ,
ନୀଳ ନୟନୀ ଗୋ..
ଶ୍ରାବଣର ସୁଗମ୍ଭୀର ଶଙ୍ଖେ
ମାୟାବିନୀ ରୂପେ ବାନ୍ଧିନିଅ ଜାଣି ଜାଣି,
ଜୀର୍ଣ୍ଣ ପଲ୍ଲବୀର ଶୀର୍ଣ୍ଣ ଶାଖାରେ
ଲଳିତ ମୁଗ୍ଧ ପ୍ରଣୟ ଭର,
ମୋ ମାନସ କୁରଙ୍ଗୀ ହୁଏ ବ୍ୟାକୁଳ ଆତୁର,
ତୁମ ହାସ୍ୟେ ଝରେ ମୋ ଓଠୁ ପ୍ରଣୟର ସ୍ୱର୍ଗୀୟ ସୌରଭ
କାନ୍ତି ତୁମ ଅପସରା
ଚପଳଛନ୍ଦା,
ତୁମେ ମୋ ପ୍ରେମ ସମୀକରଣର ଗାଣିତିକ ସୁତ୍ରଟିଏ,
ତୁମ ପ୍ରୀତି ପୀୟୂଷ ପାଇଁ ମୁଁ ନିରତ ତୃଷିତ,
କୁହ ତୁମେ କୋଉ କବିର କଳ୍ପନା ନା'

କବିତାର ପଂକ୍ତି
ହଁ... ତୁମେ ଅଟ ମହଣ ମହଣ ରହସ୍ୟର ରୋମାଞ୍ଚକ ପୋଥି
ଠିକ୍ ଗାଲାକ୍ସିର ନକ୍ସା ପରି
ବୁଝି ହୁଏନା ବୁଝେଇ ହୁଏନା
ତୁମେ ଓ ମୁଁ ... ...
ବାସ୍ ସେଇ ମୋର ଆତ୍ମତୃପ୍ତି,
ଶୁଭ୍ର ଜୋଛନାର କର୍ପୂର ଜାଳି
ପ୍ରେମ ଅର୍ଘ୍ୟ ଢାଳି ହୃଦେ ଭରି ଆଶାର ସଙ୍ଗୀତ
ମୋ ପ୍ରେମ କୁଞ୍ଜେ
ହୁଏ ବସନ୍ତର ଆବାହନ,
ଉନ୍ମମନ ବାହିଚାଲେ ଜୀବନ ନଉକା
ତୁମ ପ୍ରେମେ ହୋଇ ସମ୍ମୋହନ ।
ଓଓ

# ଆଃ....କବିଟିଏ ହୋଇଥାନ୍ତି କି..!!

## ମିନାକ୍ଷୀ ଦ୍ୱିବେଦୀ

ଆଃ ମୁଁ କବିଟିଏ ହୋଇଥାନ୍ତି କି
ସରଗରୁ ଚାନ୍ଦଟିଏ ତୋଳି ଆଣି
ମୋ ଅଗଣାରେ ଫୁଟେଇ ପାରିଥାନ୍ତି,
ମଲାପରେ ବି କିଣି ନେଇଥାନ୍ତି ସମଗ୍ର ଅସ୍ତିତ୍ୱ,
ଶାମୁକା ପେଟରୁ ସମଗ୍ର ଆୟୁଷ ମୁଠେଇ
ଖେଳୁଥାନ୍ତି ଛକି ଶୂନ ଖେଳ ଆପଣାତ୍ୱ ମହକ ଭରି,
ସାତ ତାଳ ପଙ୍କରୁ ମୁକ୍ତା ଖୋଜି
ଦେଇଥାନ୍ତି ତା'ର ପରିଚୟ,
ନିର୍ଜନ ନଈବନ୍ଧରେ ହଜି ଯାଇଥିବା
ପାଣ୍ଡୁଲିପିକୁ ପୋଥି କରି
ଦୁର୍ମୂଲ୍ୟ ଉପହାର ଦେଇ
ସଜେଇ ରଖିଥାନ୍ତି ହୃଦୟର ଗହନ କାନନରେ,

କିଛି ବାଣୀ ଉଚ୍ଚାରିତ କରି
ସମଗ୍ର ବିଶ୍ୱର ତୃଷିତ ଓଷ୍ଠଧାରରେ
ଖଞ୍ଜି ଦେଇଥାନ୍ତି ପ୍ରବାଳଦ୍ୱୀପର ମଥାମଣି,
ସତରେ କବି ହେବା କ'ଣ ସହଜ... ନା' ... ଭାଗ୍ୟ ?

କୋଟି କୋଟି ସ୍ପନ୍ଦନକୁ ଜପାମାଳି କରି
ଆତ୍ମାର ଶତଦଳରେ କୈବଲ୍ୟ ଖୋଜିବା ଏକ ସାଧନା,
ସ୍ୱପ୍ନ ଆଉ କଳ୍ପନାର କଳ୍ପବଟରେ
ରଙ୍ଗ ଭରି ଶବ୍ଦ ଚଢ଼େଇର ଡେଣାରେ
ଉଡାଣ ଭରିବା ଏକ ତପସ୍ୟା,
କିନ୍ତୁ ଗରିବ କ'ଣ ଲେଖିପାରେ କବିତା...??
ସବୁ ସାଧନା,ତପସ୍ୟା ଭୋକିଲା ପେଟରେ କେଁ କଟର କରେ,
ସେଇ ରାତି ପାହାନ୍ତା କବି ଭାବନା
ଧୀରେ ଧୀରେ ସକାଳ
ଆକାଶର କୁଆଁ ତାରା ପରି ଅନ୍ତର୍ଦ୍ଧାନ ହୋଇଯାଏ
ଉଦାସୀନ ଆକାଶର କରୁଣ ଆଖିରେ,
ସମସ୍ତ ଶବ୍ଦ ତବ ତବ ହୋଇ ଫୁଟୁଥାଏ
ନିରୀହ, କାତର୍ଯ୍ୟର ଭଗ୍ନ ବିଶ୍ୱାସରେ,
ଶବ୍ଦ ଲହରୀରେ ଭାସି ଭାସି ପହଞ୍ଚି ଯାଏ
କୋଉ ଏକ ଅପନ୍ତରା ଯାଗାରେ
ବର୍ଷା, ବସନ୍ତ, ବୈଶାଖ ସବୁ ଏକାପରି ଲାଗେ
ଶେଷରେ ପଡ଼ିଯାଏ କବିତାରେ ପୂର୍ଣ୍ଣଚ୍ଛେଦ
ଭୋକିଲା ପେଟରେ ଉକୁଟୁଥିବା ହଳାହଳ ବିଷରେ,
ମୁହୂର୍ତ୍ତର ଖୁଣ୍ଟିରେ ବେଙ୍ଗଳା ପଡ଼େ ସବୁ ଅଭିଳାଷା,
ଶେଷରେ କବି ହେବାର ନିଶା
ନୈତିକତାର ଜାଲରେ ଫାଶୀ ପାଏ
ଜୀବନର ଆବର୍ତ୍ତନର ନିକଳପ ଫନ୍ଦିରେ ।

ꠂꠂ

**ମିନାକ୍ଷୀ ଦ୍ୱିବେଦୀ,** ଏମ୍. ଏସ୍‌ସି.,, ବି.ଏଡ. । ନିଉଦିଲ୍ଲୀ । ଗୃହିଣୀ । କବିତା ଛଡ଼ା ପଢ଼ିବା ଓ ଦାର୍ଶନିକ ବିଚାର କରିବାକୁ ଭଲ ପାଆନ୍ତି ।

ꠂꠂ

# ଦରଦୀ ମଣିଷ !!

ସୌଭାଗ୍ୟ ସାମଲ

ଲୁଣି ଜଳରାଶି
ନିଗିଡ଼ି ନିଗିଡ଼ି
ପାଟିକୁ ଧରେ ସେ ଜାବୁଡ଼ି ।
ବାୟା ବିହଙ୍ଗର
ବସା ଭାଙ୍ଗିଗଲା
ପାରୁନାହିଁ ଆଉ ସଜାଡ଼ି ।।

ହୃଦୟ ବୁକୁରେ
ବ୍ୟାକୁଳ ଯୌବନ
ମନ ତ ଶିହରି ଉଠେ ।
ଅଳପ କ୍ଷଣକେ
ରହିଯା'ରେ କାଳ
ସଉଦା ବାକି ଯେ ମୁଠେ ।।

କେତେ ଯେ ସୁଆଙ୍ଗ
ଆନନ୍ଦ ଲହର
ଭରିଦେଇଥିଲୁ ମନେ ।
ଦରଦୀ ମଣିଷ
ଦରଦ ପାଉଛି
ଲୁଚିଗଲୁ କେଉଁ ଥାନେ ।।

ବିଷାଦ ହୃଦୟ
ତୁମରି ପରଶେ
ମଧୁ ଭରିଥିଲା କେତେ ।
ପାଉନାହିଁ ଆଜି
ଶୀତଳ ପରଶ
ନିଦ ହଜାଇଲେ ଯେତେ ।।
୦୦

# ସ୍ତ୍ରୀ ଆଉ ପ୍ରେମିକା !

ସୌଭାଗ୍ୟ ସାମଲ

କହି କେ ପାରିବ ଯୌବନରେ କା'ର
ପ୍ରେମ ଫୁଲ ଫୁଟି ନାହିଁ !
କାହା ପ୍ରେମ ଏଠି ପୂଜାରେ ଲାଗିଛି
ଝରିପଡ଼େ କାହା ପାଇଁ !!

ସ୍ତ୍ରୀ ଥିଲା ଯେବେ ପ୍ରେମିକାଟେ ମୋର
ଦୂରେ ରହୁଥିଲି ଚାହିଁ !
ପ୍ରେମିକାରୁ ଯେବେ ସ୍ତ୍ରୀ ହୋଇଗଲା
ଅଧା ଅଙ୍ଗେ ଗଲା ରହି !!

ଅଧା ବାଟେ ଯଦି ପ୍ରେମିକା ଯେ ଗଲା
ଆଉ କାହା ସ୍ତ୍ରୀ ହୋଇ !
ଅତୀତକୁ ସିନା ମନେ ପକାଇବୁ
ଫେରି କି ପାରିବୁ ତୁହି !!

ପଚାରିଲା ଦିନେ ବିବେକ ମୋହର
ପ୍ରେମିକା ବଡ଼ ନା' ସ୍ତ୍ରୀ !
ଉତ୍ତର ଖୋଜିଲି ମନେ ଭାଳି ହେଲି
ଚିନ୍ତାରେ ପଡିଲି ମୁହିଁ !!

ପ୍ରେମିକା ପାଖରେ ଯାଇଁ ପଚାରିଲି
କେତେ ବଡ଼ ତୁମ ପାଇଁ !
ମରିଗଲା ପରେ କିବା ଦବ ମୋତେ
ପ୍ରେମ ପାଉଣାରେ ଥୋଇ !!
ପ୍ରେମିକା ହସିଲା ହସି କହିଦେଲା
ଲୁହ ଟୋପେ ଯିବ ବହି !

କହି ପାରିବିନି ମନକଥା ମୋର
ଅତୀତରେ ଥିଲା ରହି   !!

ସ୍ତ୍ରୀ ପାଖେ ଯାଇଁ କହିଲି ଏକଥା
ତୁଣ୍ଡରେ ଦେଲା ଯେ ହାତ  !
ଅହିସୁଲକ୍ଷଣୀ ହୋଇ ବଂଚିବାକୁ
ଦିଅ ମୋତେ ଆଶୀର୍ବାଦ  !

∞∞

# ସାମୟିକ କୋଳାହଳ !!

**ସୌଭାଗ୍ୟ ସାମଲ**

ଜଠରୁ ଜୁଇ ଯାଏ
ଏକ ସାମୟିକ କୋଳାହଳ !
ଏଇ ବାଟ ମଝିଟାରେ
କେତେ ଅଭିମାନ
କେତେ ଯେ କଷଣ
ସାଉଣ୍ଟେ କି ବେଳାଭୂମି
କାହା ପାଦଚିହ୍ନ ?

ଜଠରୁ ଜୁଇ ଯାଏ
ଏକ ସାମୟିକ କୋଳାହଳ !
ଏଇ ହାଟ ମଝିଟାରେ
କେତେ ଯେ ବାଟୋଇ
କେତେ ଯେ ହଟାଇ
ଗଲା ଆସିବାର
ହିସାବ ଯେ
ରଖିଛି ଯେ କେହି ?

ଜଠରୁ ଜୁଇ ଯାଏ
ଏକ ସାମୟିକ କୋଳାହଳ !
ଏଇ ଜାତି ଇଲାକାରେ
କିଏ ହିନ୍ଦୁ,
ପୁଣି କିଏ ମୁସଲମାନ
କେତେ ଜାତି ପୁଣି କିଏ ଖ୍ରୀଷ୍ଟିଆନ
ସଭିଙ୍କୁ ସେ ଗୋଟେଇ ଯେ ନିଏ
କବର ଯେ ଜୁଇ
ତା' ପାଖେ ସମାନ !!
ଜଠରୁ ଜୁଇ ଯାଏ
ଏକ ସାମୟିକ କୋଳାହଳ !


ထထ


**ସୌଭାଗ୍ୟ ସାମଲଙ୍କ** କବିତା ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା ଓ ଖବରକାଗଜ ମାନଙ୍କରେ ପ୍ରକାଶ ହୋଇଆସୁଅଛି । ଦେଶ, ରାଜ୍ୟ, ଓ ନିଜ ଗାଁ'କୁ ମନ ପ୍ରାଣ ଦେଇ ଭଲ ପାଆନ୍ତି । ସ୍ନାତକୋତ୍ତର ଶିକ୍ଷା ପରେ ସେ ବରିଷ୍ଠ ଡକ୍ୟୁମେଣ୍ଟ ନିୟନ୍ତ୍ରକ ହିସାବରେ ଅନେକ ଦେଶରେ କାମ କରିଛନ୍ତି । ଅଧୁନା ସେ ସାଉଦି ଆରବରେ ରହୁଛନ୍ତି ।

ထထ

# Birds

Ranjit Kumar Sahu




RKSahu

....


RKSahu

...





∞∞

**Ranjit Kumar Sahu** is a scientist in the University of Virginia, USA. He is poet, painter and short story writer. He has a few anthologies in poetry: jibanar sourav, premara pratidhwani, kuchh lamhe kuchh jajbat, 2005: a year of love, Drunk, Companion, and The wonders of creation. His writing have been published in Odisha and outside.

∞∞

# ରଜ ପିଠା

**ଚିନ୍ମୟୀ ପଣ୍ଡା**

"ରେଣୁ, ନଡ଼ିଆ କୋରିଲୁଣି ?"

"ହଁ, ଦିଦି । ହେଇ ପା' ।"

"ଏତିକି ଟିକ୍‌ଟିକ୍ କରି କାଟିକି ଆଣିଲୁ ।"

"ହଁ ଦିଦି, କୋରା ବି ଆଉ କଟା ନଡ଼ିଆ ବି ?"

"ରଜ ପରା । ବିରି, ଚାଉଳ ନଡ଼ିଆ ପିଠା ହବ ।

ହଁ, ତୁ ଦେ ଜଲଦି ।"

ରେଣୁର ଝିଅ ତଳୁ ହାତବଢ଼େଇ ରହିଛି । ଚୋର ଭଳି ରେଣୁ ଏପଟ ସେପଟ ଚାହିଁ ଖଣ୍ଡେ ନଡ଼ିଆ ବଢ଼େଇଦେଲା ତା ତିନି ବର୍ଷର ଝିଅକୁ ।

ସଙ୍ଗୀତା ତରତର ହୋଇ ଜନ୍ତୁଣି କରି ତାକୁ ସିଝେଇବା ପାଇଁ ରଖିଦେଲେ । ରେଣୁ ବାକି କାମ ସାରି ଗଲାଣି ତା' ଘରକୁ ।

ରେଣୁ ଦେଖିଲା ତା ଝିଅ, ରାନୀ ନଡ଼ିଆକୁ ପାଟିରେ ପୂରେଇ ସେମିତି ରଖିଚି । ମଝିମଝିରେ ଟିକେ କାମୁଡୁଚି । ନ ହେଲେ ସେମିତି ପାଟିରେ ପୂରେଇ ରଖିଚି ।

"ଖାଉନୁ । ଆଲୋ ଚୋବେଇକି ଖାଉନୁ ।"

ରାନୀ ମୁଣ୍ଡ ହଲେଇ, ଆଖିକୁ ବୁଲେଇ କହିଲା, "ମିଠା ।"

"ଜଲଦି ପାଟିରୁ ସାରିକି ଆ' ଖାଇବୁ।"

"ତୁ ସେ ଦିଦିଙ୍କୁ ମାଗି ପିଠା ଟିକେ ଆଣିବୁ । ଆମେ ରଜ ପିଠା ଖାଇବା ।"

"ମାଗି ଖାଇବାଠୁ ହୀନ ନାଇଁ । ସବୁବେଳେ ତାଙ୍କ ଖାଇବାରେ ଲୋଭ ତତେ ।"

"ତୁ ରୋଷେଇ କରୁନୁ ସେମିତି ।"

"ହଁ ! ତୋ ବୋପା ରଖିଚି ଟଙ୍କା, ମୁଁ ମସଲା କଷିକି ତତେ ଖୁଆଇବି । ନଡ଼ିଆ ଆଣିବି, ପିଠା କରିବି । ମରିବାକୁ ଫୁରୁସତ ନାଇଁ । ଝିଅ କହୁଚି ପିଠା ଖାଇବ ।"

"ମୁଁ ଖାଇବିନି ।"

"ଚୁପ ହେଇକି ଖାଇକି ଯା ।"

ରାନୀ ଖାଇବା ପାଟିରେ ପୂରେଇ ଥୁ ଥୁ କରି ଫିଙ୍ଗିଲା ।

ରେଣୁ ତା ପିଠିରେ ଧୁମ୍ କି ବିଧାଟେ କଷିଦେଲା ।

କାନ୍ଦି କାନ୍ଦି ରାନୀ ରାସ୍ତାକୁ ପଳେଇଲା ।

"ବାରଘରେ କାମ କରିକି ଆସିବି । ଘରେ ରୋଷେଇ କରିବି । ୟା'କୁ ଖୋଇବି ତା'ପରେ ଯାଇ ପାଟିରେ ଖାଇବା ବାଜିବ ମୋର । ରଜାଝିଅ ୟେ, ସୁଆଗ ଦେଖଉଚି ।"

ପୁଣି କାମକୁ ଯିବାକୁ ହବ । ଝିଅକୁ ଖୋଜିଲା ରେଣୁ । ରାସ୍ତାରେ ବସିକି ଧୂଳି ଖେଳୁଥିଲା । ତା' ଧୂଳି ତକ ଝାଡ଼ି ତାକୁ ଟାଣିଆଣି ଧରି କାମକୁ ଚାଲିଲା ରେଣୁ ।

ଦିଦି ଘରେ ପହଞ୍ଚୁ ପହଞ୍ଚୁ ରାନୀ କଅଁଳା ବାଛୁରୀ ଭଳି ଡେଇଁବାରେ ଲାଗିଲା ।

"ମା ! ପିଠା ବଢ଼ିଆ ବାସୁଚି ।"

ରେଣୁ ଘର ଝାଡ଼ୁ କରୁଥାଏ । ତା' କଥା ଶୁଣି ଝାଡ଼ୁ ଧରି ଦୌଡି ଆସିଲା ବାଡ଼େଇବାକୁ ।

"ରେଣୁ, ବାହାରୁ ଦେଖିକି ସବୁ କରିଦେ । ମୁଁ ଶୋଇଚି । ଏଇଘର ଟା ଥାଉ ।"

ରେଣୁ ଘର ଝାଡ଼ୁ ପରେ ବାରିପଟେ ବାସନ ମାଜିବାରେ ଲାଗିଲା ।

"ମା ! ଦିଦି ଶୋଇଚି । ପିଠା ଖଣ୍ଡେ ଦେ ।"

"ଗୋଇଠା ଖାଇବୁ । ଯା ଏଠୁ ।"

ମୁହଁ ଶୁଖେଇ ଛୁଆଟା ଏପଟ ସେପଟ ବୁଲିବାରେ ଲାଗିଲା ।

ପାଟିରୁ ଲାଳ ଗଡୁଚି ପାଟିରୁ ରାନୀର । ଚୁଲୀ ଉପରେ ଅଛି ପିଠା । ରାନୀ ତଳେ ବସିଚି, ପିଠାକୁ ଅନେଇକି ।

ପାଦ ଚିପି ଧିରେ ଯାଇ ଦେଖି ଆସିଲା । ମା' କାମ କରୁଚି ।

ପିଠା ଖାଇବା ଲୋଭ ରାନୀର ପ୍ରବଳ ହେଲା । ଅସହ୍ୟ ହେଲା ।

ବାସନ ଗଦାରୁ ବଡ଼ ଡେକଚିଟିଏ ବାହାର କରି ତା ଉପରେ ଚଢ଼ିଲା । ବର୍ତ୍ତମାନ ରାନୀର ଭୋକ ପ୍ରବଳ ହେଲା ।

ଆଃ ଆଉ ଟିକେରେ ହାତ ପାଇଯିବ । ହେଇ, ହେଇ, ପିଠା ଆସୁଚି ରାନୀ ହାତକୁ । ବାସ୍ ଆଉ ଟିକେ । ରାନୀ ବଳ ଖଟେଇ ଟିପରେ ଠିଆ ହେଇ, ଟାଣି ଆଣିଲା ପିଠା ଥାଳିକୁ । ପିଠା ଥାଳି ଗରମ ଥିଲା ।

ଧୁମ୍....ଢଣ୍ ... ଆଃ...ମା'...

ରେଣୁ ଓ ସଙ୍ଗୀତା ଦୁହେଁ ଦଉଡ଼ି ଆସିଲେ ।

ପିଲାଟା ତଳେ ପଡ଼ିଥାଏ, ତା ଉପରେ ପିଠା, ବାସନ ସବୁ ଏଣେତେଣେ ବିଛେଇ ପଡ଼ିଥାଏ ।

ଗରମ ପିଠାରେ ଦେହରେ ଠାଏଁ ଠାଏଁ ସିଝିଯାଇଥାଏ ରାନୀର ।

"ହେ ପରଭୁ । ପିଠା ପିଠା ବୋଲି ବାଇ ହେଇ କି କାମ କଲୁଲୋ ।" ରେଣୁ କାନ୍ଦି କାନ୍ଦି ରାନୀକୁ ତଳୁ ଉଠେଇଲା ।

"ଆହା ! ପିଲାଟା ଖାଇବାକୁ ମାଗୁଥିଲା, ମତେ କାହିଁକି କହିଲୁନି ।" ବ୍ୟସ୍ତରେ ଏତିକି କହି ସଙ୍ଗୀତା ଦୌଡ଼ିଗଲେ କିଛି ମଲମ ଆଣିବା ପାଇଁ ।

"କୋଉ ମୁହଁରେ କହିବି ଦିଦି । ଗରିବ ହେଲେ ବି ଲାଜ ସରମ ମତେ ଅଛି ନା' । ପିଲାଟା ସୁଆଦ ଖୋଜିଲେ କୋଉଠୁ ଦେବି ଗୋ । ତା ବାପା ତ ଆଉ ଗୋଟାକୁ ଧରି ରହିଚି । ମୁଁ କାମ କରିକି, କି ସୁଆଦ ରୋଷେଇ କରିବି ଗୋ," କହି ରାନୀକୁ ଧରି ଭୋ ଭୋ କାନ୍ଦିଲା ।

ରାନୀ ତା କଷ୍ଟ ଭୁଲି ମା' ଆଖିରୁ ଲୁହ ପୋଛୁଥାଏ ।

ଓଓ

**ଚିନ୍ମୟୀ ପଣ୍ଡା,** ଓଡ଼ିଆ କଥା ସାହିତ୍ୟ ଓ ଶିଶୁ ସାହିତ୍ୟ କ୍ଷେତ୍ରରେ ଏକ ପରିଚିତ ନାମ । ସାମାଜିକ ଜୀବନ ଓ ଶିଶୁ ମନସ୍ତତ୍ତ୍ୱକୁ ନେଇ ନିୟମିତ ଗଳ୍ପ ଲେଖୁଥିବା ଚିନ୍ମୟୀଙ୍କ ରଚନା ଶୈଳୀ ବେଶ୍ ପ୍ରଭାବଶାଳୀ । ତାଙ୍କର ଦୁଇଟି ଗଳ୍ପ ପୁସ୍ତକ: "ମରୁମେଘ" ଏବଂ "ଜୀବନ ହଜିବା ପାଇବା ଭିତରେ" ପ୍ରକାଶିତ ହୋଇଛି । ଶିଶୁ ସାହିତ୍ୟ କ୍ଷେତ୍ରରେ ତାଙ୍କର "ଗଛ, ପଶୁ ଓ ପକ୍ଷୀଙ୍କ କାହାଣୀ" ଓ "ସେହି ଜଙ୍ଗଲର କାହାଣୀ" ବେଶ୍ ଚର୍ଚ୍ଚିତ । ସାହିତ୍ୟ ସାଧନା ପାଇଁ ସେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତା । ସାହିତ୍ୟ ବ୍ୟତୀତ ଚିତ୍ରକଳା, ଶିକ୍ଷା, ପରିବେଶ ସୁରକ୍ଷା ଓ ସଚେତନତା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଛି ।

ଓଓ

# Players

Nilamadhab Kar

It was already dark outside, when they returned from the walk.

Duggu was sure, Camila has not moved a bit from the sofa since afternoon. He could see her eyes glistening in the dark for a moment and then moved away. She noticed him, he thought, 'She must be jealous.'

'Aren't you' Duggu teased, 'jealous?' Camila did not move a bit. Duggu was not happy with this avoidance. He growled and walked away.

Moments later when Ben picked up Camila and showered his affection, rubbing their noses, it was Duggu who was feeling jealous. He tried not to see. However he could not stop himself turning and Camila was looking straight at him, as if making a point. 'There is no point being jealous. Each relationship is unique, there is no comparison.'

Duggu turned his head away. 'Does she really deserve this love!' he wondered. 'She does not do anything; she is just using his love.'

'Love is not based on reason, my dear. People may do a lot of things to justify their feelings. But that's it. You cannot earn love by *doing* something. Isn't it great to be loved and live a life that way! Just be there, be available to be loved. And all are taken care of. No worries, no tension.' Love can earn a good life. A life yearned for.

'Hmm. But I don't want to live a life just by loving someone or being loved. I want to do something, I love my work, feel proud of it. I feel happy when I have done something for others. I think I earn my respect for my work. It's a good feeling when you are appreciated. My work defines me. It looks like I am my work.'

'Your work has become your life. Do you know when you won't be able to work, it will be seen as a failure. As if you don't need to live anymore, or worse, you don't deserve to live. You cannot fight the feelings of uselessness. Maybe a death wish would creep in; when you are unable, when you become a burden upon others or when it feels like that. And

maybe you will be put to sleep. Do you think, life should resemble work, just work, and often for somebody else, to earn a living or appreciation! True appreciations are rare anyway; most are just lip-service.'

'But, that's my life. It has been, since I know myself.' Duggu wondered why Camila is so miserable; she does not do any work, anyway. Nonetheless, he appreciated her words. She was making a point, it seemed.

Ben switched off the light and said 'Good night guys, sleep well. Tomorrow is a great day; we are going to the hills for the weekend.' He was a bit loud, maybe excited. Duggu and Camila could guess the excitement; Ben's ex-girlfriend was back after a long time. They did not know what happened to the current one.

'Is Gia the third one?' Duggu wondered.

'No, I think she is the fifth one.'

'It does not matter, they are all the same!'

'No, no way! Is that how you perceive?' Camila retorted.

Both were lying on their beds, eyes half-closed, feeling cosy. It's a good life; it seemed to them, whichever definition.

'It will be great in the outdoors this weekend.' Duggu tried to start another round of conversation. Camila did not answer.

'Are you already asleep?'

'I am not looking forward to it, to be carried in a carrier box.'

'But it is a lot of fun. And we can meet Mike, do you remember him? The one that puts on a mask, funny dresses and tries to dance to some tune of his master?'

'Yes, it's painful, isn't it?'

'He is working for a living. ... … Hmm, it may be stressful, as almost all works are!'

In the morning, while Duggu was excited, Camila wasn't, as expected. She avoided being pushed into the carrier box. Well, off they went. Ben and Gia kept on blabbing indiscreetly all sorts of things in the front seats, as if Duggu and Camila didn't understand! They were not very interested though, most were same repetitive stuff.

It was not long before they reached the forest, on the foot of a small hill. There were a lot of people already, being a summer day. In the fair, it wasn't difficult to spot Mike, as he is always surrounded by the children. He was jumping again and again, as if trying to catch his tail; and everyone was so amused at his failures at such an easy task. He has been trained to fail, if that makes someone else happy.

Camila was impatient. Even before any pleasantries, she asked him, 'Are you happy?'

To the bewilderment of Mike, she explained, 'Are you happy to put on this fancy dress and dance, making a caricature of yourself?'

'Well, given a chance maybe I wouldn't do this. I'm just trained to do this farce; not for liking it, but my life hangs on it. … … Maybe I would like to live a different life; maybe everyone would have lived a different life, given a chance, a completely different one. … … Even I too like to jump around like my troops. But … …'

'Why don't you just do that, RUN AWAY.' Camila was becoming too restive.

'Sorry, Mike. Hope you understand Camila, what she means.' Duggu was trying to pacify the atmosphere. It was a break time and they could catch up a bit.

Mike had a philosophical calmness around him, 'Run away? Where to? To my independence? I understand I can do that straight away. But, is it that what I need! I have a relationship with my fellow. We work together, and live a life that is so unique to us. … … My troops on the trees have their life too; they also work hard, to get theirs, food, relationship; may be a sense of security, however fragile it may be. It's not that they have just all the freedom; they follow a leader; there are rules … and boundaries; and there are relationships that are complex. But I am not afraid of that; it is just another life, another style.'

There was a pause, after this rather long monologue.

Duggu shook his head, ‘I know about my pack and the life they lead. No doubt they enjoy, but uncertainties are too many. You never know what awaits you, and from where your next meal is going to come.’

‘I too know many kitties, feral ones and their colonies. Maybe I have a more comfortable life than them, I suppose.’ Camila was much mellowed down.

Life isn’t life, as it seems, it’s far from the reality, it’s a make belief, magical, and may be better than the real life, but it isn’t real.

‘Do you still suggest Mike to run away!’

‘Maybe not, but how can I reconcile with my idea of being independent?’

‘None of us are independent, anywhere; we are rather interdependent.’ … … ‘Connected in more ways than not. We need our friends as much as our enemies or so as they appear.’

The words and the tone sounded wise. But there was a faint uncertainty in the air floating around like the clouds against the jungle over the hills.

There was a whistle and it was time for another game, it seemed. Some players changed sides, some retired.

Duggu and team did not know the name of the game; although it looked a bit different now from their angle, but the same play continued.

Camila was getting impatient again, to return. To home!

∞∞

**Dr Nilamadhab Kar** is a psychiatrist, based in the UK. Besides scientific articles in the field of medicine, more specifically mental health; he also writes poems, stories and articles for public education in English and Odia, which have been widely published. He has authored and edited few medical books, an anthology of Odia poems and two books of translated poems from Odia to English. He is on the editorial board of a few medical and literary journals. The story ‘Players’ was first published in Setu in 2019.

∞∞


# ପୁସ୍ତକ ପରିଚୟ




**କୃଷ୍ଣ କୁମାର ମହାନ୍ତି** । "ରୁବି ରାଏ" । ଟାଇମ୍ ପାସ୍; ଭୁବନେଶ୍ୱର । ୨୦୨୩ ।
Amazon

କୃଷ୍ଣ କୁମାର ମହାନ୍ତି ବହୁବର୍ଷ ଧରି ଓଡିଆ ସାହିତ୍ୟରେ ଗଳ୍ପ, କବିତା ଓ ପ୍ରବନ୍ଧ ଲେଖିଆସୁଛନ୍ତି । କବିତା ପାଇଁ ସେ ରାଜ୍ୟ ଯୁବ ପୁରସ୍କାର ପାଇଛନ୍ତି । ସେ ଓଡ଼ିଶାର ବହୁଚର୍ଚ୍ଚିତ ପତ୍ରିକାର 'ରେବତୀ' ସମ୍ପାଦନା ଦାୟିତ୍ୱରେ ଅଛନ୍ତି । ତାଙ୍କର ପ୍ରକାଶିତ ଗଳ୍ପ ସଂକଳନ: 'ଶ୍ୟାମଳୀ ଦାସ' ।

"କୃଷ୍ଣ କୁମାର ମହାନ୍ତିଙ୍କ "ରୁବି ରାଏ" କବିତା ସଂକଳନରେ ଅଷ୍ଟରସ ଏକାଠି ହୋଇ ସମୁଦ୍ର ପାଲଟିଛନ୍ତି । ଚଉଷଠୀଟି କବିତାର ଗୁଂଫନରେ ଗଢ଼ା ହୋଇଛି "ରୁବି ରାଏ"! ଚଉଷଠୀ କଳାର ଚଉଷଠୀ ରୂପକାନ୍ତି । ଷୋଳକଳାର ଚାରିଗୁଣା ସାମର୍ଥ୍ୟ ବହନ କରିବାର ଆସ୍ପର୍ଦ୍ଧାରେ "ରୁବି ରାଏ"। ବହୁ ପ୍ରତୀକ୍ଷା ପରେ କବିତାଟିଏ ଆସେ, ସେତେବେଳେ ସେ ଆଉ କବିତା ନୁହେଁ ଏକ ପୂର୍ଣ୍ଣ ଅବୟବର ମୂର୍ତ୍ତି ପାଲଟି ଯାଇଥାଏ । ତାଂକର ଶବ୍ଦମାନେ ମୁକ୍ତା, ତାଂକର ଭାବନା ଶାମୁକା, ସ୍ମୃତି ତାଂକର ପ୍ରିୟତମା ଗାଁ ନଈର ଛୁଆଁ, ଦୁଃଖ ତାଂକର ଗଛ ଦେହରେ ଲେଖାଥିବା ନାଁ । "ରୁବି ରାଏ" କୃଷ୍ଣ କୁମାର ମହାନ୍ତିଙ୍କ ଏକ ଅନନ୍ୟ ସାରସ୍ୱତ ସୃଷ୍ଟି । ତାଙ୍କର ଗଭୀର କବିସତ୍ତା ଏ କବିତା ସଂକଳନର ପ୍ରତିଟି କବିତାରେ ଜୀବନର କୋମଳ ଓ କଠୋର ରୂପକୁ ବହୁ ଉପମା ଓ ଅଳଙ୍କାର ଦ୍ୱାରା ଚିହ୍ନିତ କରିଛି । 'ରୁବି ରାଏ' ପ୍ରକୃତରେ "ରେଣୁରେଣୁ ସମୟର ସାକ୍ଷୀ"। ସେ ହିଁ ସମୟ ଓ ସମୟାତୀତ । ସେ ଦେହ, ସେ ବିଦେହ । ସେ ଯନ୍ତ୍ରଣା, ସେ ମଉଲମ । ଏହା ନିଃସନ୍ଦେହ ଯେ ଓଡ଼ିଆ ସାହିତ୍ୟରେ "ରୁବି ରାଏ" ନିଜର ଯାତ୍ରାକୁ ସଫଳତମ ଯାତ୍ରା ହିସାବରେ ସାବ୍ୟସ୍ତ କରିବ ।" - **ଅନୀଲ କୁମାର ପାଢ଼ୀ**




**Rajat Kumar Satapathy**. An experiment with my thoughts. An Anthology of New Poems in India. BFC Publications Private Ltd, Lucknow, India. https://amzn.eu/d/dE3k3w0

Prof Dr Rajat Kumar Satapathy is an academician involved in legal profession, teaching and research.

In 'An experiment with my thoughts' Prof Satapathy has very successfully depicted essence of life, in each of the poems. It appears 'life has been a research for the poet'. Images in his poems are very dear to the heart of any reader. They are very close to life, describing the journey and processes of life throughout. Each poem covers different themes and these highlight the human emotions, trials and tribulations, dreams, truth and realities with a touch of philosophy. His poems will go a long way supporting a humane, peaceful world with hope for the people. His observations and views in his poems will recognize his immense literary artistry. These poems will leave a lasting impression with the readers and carve a niche positon for Prof Satapathy in the literary sphere.

It is amazing to note that Prof Satapathy holds India Book of Record for first ever English poetry book on Law titled: "My thoughts on judicial process: A Go between Truth and Lie". In this book he has portrayed a complex subject such as law and judicial process in a very unque way, depicting the play of emotions, thoughts and realities in the search for finding justice.

## Information about the journal

ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [The Srujan: The Creativity Journal (SCJ)] is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

### Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal. It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted. Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

### Periodicity

At the moment it is thrice a year: **April, August and December**. The frequency may increase. There is provision of special issues occasionally.

## Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Instruction to authors

### Type of articles

**Poems:** Upto 3 short poems can be submitted. Shorter poems with less than 20 lines are better.

**Short stories:** Only one short story at a time. Preferrably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / Dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

**Book and Magazine Reviews:** short write ups up to 200 words with specific information.

### Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content. Save the file in **your name and the type of article** (e.g. Ramnath Lenka - Poem)

### Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person providing specific information.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*

5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

**Book and Magazine Reviews**

Srujan publishes **Book Reviews** in its issues to popularise books related to Odisha, Odia and translatated literary / creative works. Interested authors, editors and publishers may send two copies of the book or an eCopy for review. Along with the book, please send following information by email to srujan.journal@gmail.com: 1 Title of the book: 2. Author full name: 3. Publisher and address: 4. Publication place: 5. Publication year: 6. Book availability: 7. Any Internet link to order the book and 8. Cover page photo of the book in JPEG. In addition any specific points about the book that should be considered for inclusion in review can be mentioned.

Srujan publishes **Magazine Reviews** in its issues to popularise magazines related to Odisha and Odia. Interested Editors and publishers may send two copies of the magazine or an eCopy for review. Along with the magazine, please send following information by email to srujan.journal@gmail.com: 1. Title of the magazine: 2. Full name of Editors: 3. Publisher and address: 4. Publication place: 5. Publication frequency: 6. Any link to order the magazine; 7. Cover page photo of the Magazine in JPEG. Along with these, any specific points about the magazine that should be considered for inclusion in review and article submission email or address can be provided.

***Address to send the books and magazines:***

**Editor, Srujan, 60 Highfield Drive, Epsom, KT19 0AP, London, UK.**

However, if required, the books and magazines can be sent to: Srujan, 130, Ratnakar Bag, Bhubaneswar, 751018, India.

**Submission of articles**

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process


Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not be processed further. Please check for spelling mistakes, typographical issues before submission. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

## Open access

The journal is open access. There are no publication fees for the authors; and it is freely available for the readers, with support from the Institute of Insight, UK.



**The Institute of Insight, UK**
**[A non-profit organisation]**

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.